ପଞ୍ଚତନ୍ତ୍ର କାହାଣୀ

(ପ୍ରଥମ ଭାଗ)

ପ୍ରଦ୍ୟୁମ୍ନନାଥ ଷଡ଼ଙ୍ଗୀ

Digitized by srujanika@gmail.com

ପଞ୍ଚତନ୍ତ୍ର କାହାଣୀ

(ପ୍ରଥମ ଭାଗ)

ଉଦୟନାଥ ଷଡ଼ଙ୍ଗୀ

ଶାନ୍ତି ପ୍ରକାଶନୀ

ରାଜାବଗିଚ୍ଚା, କଟକ-୯

Digitized by srujanika@gmail.com

ପଞ୍ଚତନ୍ତ୍ର କାହାଣୀ
(ପ୍ରଥମ ଭାଗ)

ଲେଖକ :

ଉଦୟନାଥ ଷଡ଼ଙ୍ଗୀ

ପ୍ରକାଶକ :

ଶାନ୍ତ ପ୍ରକାଶନୀ
ବାଙ୍କାବଜାର, କଟକ-୯

ପ୍ରଥମ ପ୍ରକାଶ : ୧୯୯୧

ମୁଦ୍ରଣ :
ଭଗବତୀ ପ୍ରିଣ୍ଟର୍ସ
ବାଙ୍କାବଜାର, କଟକ-୯

ମୂଲ୍ୟ-ଟ ୧୩-୫୦

Digitized by srujanika@gmail.com

ସୂଚୀ

ବିଷୟ		ପୃଷ୍ଠା
୧ ।	ଆଗ କଥା	୫
୨ ।	ବନ୍ଧୁ ଲାଭ	୮
୩ ।	ମୁରବୀଙ୍କ କଥା ନ ମାନିଲେ ବିପଦ	୯
୪ ।	ବନ୍ଧୁ ବଳ ଢିଏ	୧୪
୫ ।	ଲୋଭ କଲେ ବିପଦ	୧୮
୬ ।	କୁଆ-ମୂଷା ଉପାଖ୍ୟାନ	୨୩
୭ ।	କୁଆ, ମୃଗ ଓ ଧୂର୍ତ୍ତ ବିଲୁଆ	୨୬
୮ ।	ଜରଦ୍‌ଗବ ଶାଗୁଣା ଓ ବିଲେଇ	୩୨
୯ ।	କପଟୀ ଶୃଗାଳ ଓ କଙ୍କଡ଼ା ଉପାଖ୍ୟାନ	୩୬
୧୦ ।	କାଉ ଓ ମୂଷା ବନ୍ଧୁହେଲେ	୪୧
୧୧ ।	ତିନି ବନ୍ଧୁ ଏକାଠି ହେଲେ	୪୬
୧୨ ।	ହିରଣ୍ୟକଙ୍କ ପୂର୍ବ କାହାଣୀ	୫୦

❋ ❋ ❋

Digitized by srujanika@gmail.com

ପଞ୍ଚତନ୍ତ୍ର କାହାଣୀ :

113

ଆଗ କଥା

ଦକ୍ଷିଣ ଦେଶରେ ମହିଳାରୋପ୍ୟ ନାମକ ଏକ ନଗର । ତା'ର ରାଜାଙ୍କ ନାମ ଅମର ଶକ୍ତି । ସେ ଯେପରି ବଳଶାଳୀ, ସେହିପରି ବୁଦ୍ଧିମାନ । ଧନ ସମ୍ପତ୍ତି ତାଙ୍କର ବହୁତ ଥିଲା । ପ୍ରଜାମାନେ ତାଙ୍କୁ ବେଶ୍ ଖାତିର୍ କରୁଥିଲେ । ସେ ଦେଶର ଏବଂ ଅନ୍ୟ ଦେଶର ପଣ୍ଡିତମାନେ ବରାବର ଆସନ୍ତି । ନାନା ଶାସ୍ତ୍ର ଓ ବିଦ୍ୟାର ଆଲୋଚନା କରାଯାଏ । ରାଜା ଖୁସି ହୋଇ ସେମାନଙ୍କୁ ସୁନାରୂପା ଅଳଙ୍କାର ଓ ଟଙ୍କା ଦାନ କରନ୍ତି ।

ଏହା ସତ୍ତ୍ୱେ, ରାଜାଙ୍କ ମନରେ ସବୁ ସମୟରେ ଦୁଃଖ । ମୁହଁ ଶୁଖିଲା ଦେଖାଯାଏ । ସତେ ଯେପରି ଚିନ୍ତାରେ ଘାରି ହେଉଥା'ନ୍ତି ।

ଏହାର କାରଣ କେବଳ ତାଙ୍କର ପୁଅମାନେ ।

ରାଜା ଅମର ଶକ୍ତିଙ୍କର ତିନି ପୁଅ । ସେମାନଙ୍କ ନାମ ବହୁ ଶକ୍ତି, ଉଗ୍ର ଶକ୍ତି ଓ ଅନନ୍ତ ଶକ୍ତି ।

ସବୁ ପୁଅ ଖଳ ପ୍ରକୃତିର, ମୂର୍ଖ । ପାଠ ପଢ଼ିବାର ନାମ ଧରନ୍ତି ନାହିଁ । ପଢ଼ାଇବା ପାଇଁ ପଣ୍ଡିତ ଆସିଲେ, ତାଙ୍କୁ ଥଟ୍ଟା ଟାପରା କରନ୍ତି । ପାଖରେ ବସନ୍ତି ନାହିଁ । ପଳାଇ ଯାଇ ଅନ୍ୟ ସ୍ଥାନରେ ଲୁଚନ୍ତି । ସେମାନଙ୍କର ଦିନଯାକର କାମ

Digitized by srujanika@gmail.com

ହୋଇଥାଏ ଖେଳିବା, ଅନ୍ୟ ପିଲାଙ୍କୁ ମାରଧର କରିବା ପ୍ରଜାମାନଙ୍କ ଉପରେ ଜୁଲମ କରିବା ।

ପ୍ରଜାମାନେ ଅତିଶୟ୍ୟ ବିରକ୍ତ ହୋଇପଡ଼ିଲେ । ରାଜାଙ୍କ ପାଖରେ ଯାଇ ଆପତ୍ତି କଲେ । ରାଜାଙ୍କର ଚିନ୍ତା ଆହୁରି ବଢ଼ିଗଲା ।

ସେହି ସମୟରେ ଜଣେ ପଣ୍ଡିତ ଆସି ରାଜାଙ୍କୁ ସାକ୍ଷାତ କଲେ । ତାଙ୍କ ନାମ ବିଷ୍ଣୁଶର୍ମା ।

ସେ କହିଲେ, "ମହାରାଜ, ଆପଣଙ୍କ ପିଲାମାନଙ୍କୁ ମୁଁ ଶିକ୍ଷା ଦେବି । ମୋର ବିଶ୍ୱାସ, ସେମାନଙ୍କର ଖରାପ ବୁଦ୍ଧି, ତାଙ୍କର ଦୁଷ୍ଟ ପଣିଆ ବଦଳାଇ ଦେଇ ପାରିବି ।"

ରାଜା ଦୁଃଖ ମନରେ କହିଲେ, "ବହୁ ପଣ୍ଡିତ ଆସିଲେଣି । ପିଲାଏ କାହାକୁ ମାନୁ ନାହାନ୍ତି । ପାଠ ପଢ଼ାରେ ମନ ଦେଉନାହାଁନ୍ତି । ମୋ କୁଳକୁ ଏହା ବଡ଼ ଲଜ୍ଜାର କଥା ।"

ପଣ୍ଡିତ ବିଷ୍ଣୁଶର୍ମା ଆଶ୍ୱାସନା ଦେଲେ । କହିଲେ—"ପୁଅ ଯଦି ମୂର୍ଖ ହେଲା, ତାହା ପିତାମାତାଙ୍କୁ ଯେପରି ନିନ୍ଦା, ବଂଶକୁ ସେହିପରି କଳଙ୍କ । ଆକାଶରେ ଗୋଟିଏ ଚନ୍ଦ୍ର ସାରା ପୃଥିବୀକୁ ଆଲୋକ ଦିଏ । ମାତ୍ର ଅମାବାସ୍ୟା ଦିନ କୋଟିଏ ତାରା ଥାଇ ମଧ୍ୟ ତାହା କରିପାରନ୍ତି ନାହିଁ, ସେହିପରି ଗୋଟିଏ ପୁଅ ଥାଇ ଯଦି ସେ ପଣ୍ଡିତ, ଓ ବୁଦ୍ଧିଆ ହୁଏ, ତାକୁ ଓ ତା'ର ପିତାମାତାଙ୍କୁ ଦୁନିଆରେ ସମସ୍ତେ ପ୍ରଶଂସା କରନ୍ତି । ମାତ୍ର ଦଶ ପନ୍ଦରଟା ପୁଅ ଥାଇ ଯଦି ସେମାନେ ମୂର୍ଖ ଓ ଦୁଷ୍ଟ ହୁଅନ୍ତି, ତେବେ ପିତାମାତାଙ୍କୁ ନିନ୍ଦା, ବଂଶକୁ ନିନ୍ଦା ।"

ଏଇ କଥା ଶୁଣି ରାଜା ଅମର ଶକ୍ତି ଖୁସି ହେଲେ । ପିଲା ତିନୋଟିକୁ ପାଠ ପଢ଼ାଇବା ପାଇଁ ତାଙ୍କୁ ନିଯୁକ୍ତ କଲେ । ପିଲାମାନଙ୍କୁ ପାଖକୁ ଡକାଇଲେ । ବହୁ ଶକ୍ତି,

Digitized by srujanika@gmail.com

ଉଗ୍ର ଶକ୍ତି ଓ ଅନନ୍ତ ଶକ୍ତି ଆସି ତାଙ୍କ ପାଖରେ ଠିଆ ହେବାରୁ ପଣ୍ଡିତ ବିଷ୍ଣୁଶର୍ମାଙ୍କୁ ଦେଖାଇ ସେ କହିଲେ—"ଏ ପଣ୍ଡିତେ କାଲିଠାରୁ ତୁମକୁ ପାଠ ପଢ଼ାଇବାକୁ ଆସିବେ ।"

ଏହା ଶୁଣି ପିଲାମାନେ ତାଚ୍ଛଲ୍ୟରେ ହସି ଦେଲେ । ତା ଅର୍ଥ, ସେମାନେ ଭାବିଲେ, ଏମିତି ତ କେତେ ପଣ୍ଡିତ ଆସିଲେଣି । କେହି କେହି ଦୁଇ ତିନି ଦିନ ପରେ ଆସୁ ନାହାନ୍ତି । ଦେଖାଯାଉ, ଏ କେତେ ଦିନ ଆମକୁ ପାଠ ଶିଖାଇବେ ?

* * *

Digitized by srujanika@gmail.com

ବନ୍ଧୁ ଲାଭ

ପଣ୍ଡିତ ବିଷ୍ଣୁଶର୍ମା ପରଦିନ ଆସି ରାଜନଅରରେ ପହଞ୍ଚିଲେ । ପିଲାମାନେ କିଏ କୁଆଡ଼େ ବୁଲୁଥିଲେ । କିଏ ଖେଳୁ ଥିଲା, କିଏ ବା ସାଙ୍ଗ ପିଲାଙ୍କ ସହିତ କଳି ଲଗାଇଥିଲା । ଅମର ଶକ୍ତି ତ ନିତି ଖେଳରେ ମଜ୍ଜି ଯାଇଥିଲେ ।

ରାଜା ଘରର ଲୋକ ଯାଇ ସେମାନଙ୍କୁ ଡାକି ଆଣିଲେ । ପିଲାଏ ତରତର ହୋଇ ଆସି ପଢ଼ା ଘରେ ବସି ପଡ଼ିଲେ । ଧୂଳି ମାଟିରେ ମୁହଁ ଦେହ ଅସନା, ପିନ୍ଧିଥିବା ପୋଷାକ ମଇଳା ।

ପଣ୍ଡିତେ ସ୍ନେହରେ ସେମାନଙ୍କୁ ପାଖକୁ ଡାକିଲେ । ସେମାନଙ୍କ ମୁଣ୍ଡ ଓ ପିଠିରେ ସ୍ନେହରେ ହାତ ବୁଲାଇଲେ । ହସି ହସି କହିଲେ—"ପିଲାମାନେ, ମୁଁ ତୁମକୁ ପାଠ ପଢ଼ାଇବାକୁ ଆସି ନାହିଁ । ତୁମେ ତ ଭାରି ସୁନ୍ଦର ଦେଖାଯାଉଛ । ତୁମର ଚକ୍ ଚକ୍ ଆଖି ଓ ସୁଢ଼ଳ ମୁହଁରୁ ଜଣାଯାଉଛି, ତୁମେମାନେ ବେଶ୍ ଚାଲାକ୍ ଚତୁର । ମୁଁ ଆଉ ଅଧିକା ଶିକ୍ଷା ଦେବି କଅଣ ?"

ପ୍ରଶଂସା ଶୁଣିଲେ ସମସ୍ତେ ଖୁସି ହୁଅନ୍ତି । ପିଲା ତିନି ଜଣ ସେମାନଙ୍କ ପ୍ରଶଂସା ଶୁଣି ଟିକିଏ ଦବି ଗଲେ । ମୁହଁ ତଳକୁ କରି ବସିଲେ ।

ପଣ୍ଡିତେ ପୁଣି କହିଲେ—"ମୁଁ ତୁମମାନଙ୍କୁ କେବଳ ଗପ କହିବି । ସେ ଗପ ଯଦି ଭଲ ଲାଗିବ, ତେବେ ମୋ ପାଖରେ ବସିବ । ଭଲ ନ ଲାଗିଲେ, ଯେତେବେଳେ ଇଚ୍ଛା ସେତେବେଳେ ଉଠି ଚାଲିଯିବ ।"

ପିଲାମାନେ ଆହୁରି ଖୁସି ହୋଇଗଲେ । ଗପ ଶୁଣିବାକୁ କିଏ ବା ସୁଖ ନ ପାଏ ? ସେମାନେ ଏକ ସମସ୍ୱରରେ କହି ଉଠିଲେ—"ହଁ, ହଁ, ଗପ କୁହ, ଆମେ ଖାଲି ଗପ ଶୁଣିବୁ, ପାଠ ପଢ଼ିବୁ ନାହିଁ ।"

"ତା' ହେଲେ ମନ ଦେଇ ଶୁଣ ।" ଏହା କହି ପଣ୍ଡିତ ବିଷ୍ଣୁଶର୍ମା ଗପ ଆରମ୍ଭ କଲେ ।

* * *

Digitized by srujanika@gmail.com

ମୁରବୀଙ୍କ କଥା ନ ମାନିଲେ ବିପଦ

ଦକ୍ଷିଣ ଦେଶରେ ଗୋଦାବରୀ ନାମରେ ଗୋଟିଏ ବଡ଼ ନଦୀ ଅଛି । ତା କୂଳରେ ଗୋଟିଏ ଅତି ପୁରୁଣା ବରଗଛ ରହିଥାଏ । ତା'ର ଡାଳ, ପତ୍ର, ଓହଳ ଗୁଡ଼ିକ ପାଖରେ ବହୁ ଦୂରକୁ ମାଡ଼ିଥାଏ । ବାଟୋଇ ମଣିଷ, ଗାଈ ଗୋରୁ, ଛେଳି, ମେଣ୍ଢା ଖରା ଦିନେ ତା ତଳେ ଆଶ୍ରୟ ନିଅନ୍ତି । ଶୀତଳ ଛାଇରେ କିଛି ସମୟ ବସି ଶୋଇ ଖରା ତାତିରୁ ରକ୍ଷା ପାଆନ୍ତି ।

ଗଛରେ ବହୁତ କୋରଡ଼ ଥାଏ । ସାପ, ବେଙ୍ଗ, ଓଧ, ଗୁଣ୍ଡୁଚିମୂଷା ଆନନ୍ଦରେ ସେଥିରେ ରହୁଥା'ନ୍ତି । ତାଙ୍କର କେତେ ପୁରୁଷ ଯେ ସେଠାରେ କଟିଲାଣି କେହି କହିପାରିବେ ନାହିଁ ।

ଡ଼ାଳ ପତ୍ର ଗହଳି ଭିତରେ ନାନା ପ୍ରକାର ପକ୍ଷୀ ବସାବାନ୍ଧି ରହିଥାନ୍ତି । କେଉଁ ଦୂର ଦେଶରୁ ସେମାନେ ଉଡ଼ିଆସି ସେହିଠାରେ ରହୁଛନ୍ତି ବହୁ କାଳରୁ । କୁଆ, ବଣି, ଶୁଆ, ସାରୀ, କୋଇଲି, କୁମ୍ଭାଟୁଆ—ଏଭଳି ଜାତି ଜାତିକା ପକ୍ଷୀ ।

ସବୁ ଜୀବ ସାଇ ପଡ଼ିଶା ପରି ଆନନ୍ଦରେ ଚଳୁଥା'ନ୍ତି । କେହି କାହାର ଉପରେ ରାଗେ ନାହିଁ କି କାହାର କେହି କିଛି କ୍ଷତି କରନ୍ତି ନାହିଁ । ସମସ୍ତେ ସମସ୍ତଙ୍କର ସାଙ୍ଗ, ବନ୍ଧୁବାନ୍ଧବ ।

ସେ ଦିନ ସକାଳ ହେଉ ହେଉ ଚଢ଼େଇମାନେ ଆନନ୍ଦରେ ବୋବେଇ ଉଠିଲେ । ସେମାନଙ୍କ କେଁ କଟର କୋଳାହଳରେ କୁଆର ନିଦ ଭାଙ୍ଗିଗଲା । ସେ ନିଜ ବସାରୁ ବାହାରି ଆସି ଗୋଟିଏ ଡାଳରେ ବସିଲା । ପୂର୍ବ ଦିଗକୁ ଚାହିଁ ରହିଲା ।

Digitized by srujanika@gmail.com

ସୂର୍ଯ୍ୟଦେବ କପର ଉପରକୁ ଆସ୍ତେ ଆସ୍ତେ ଉଠି ଆସୁଛନ୍ତି, ତାହା ଦେଖୁଥିଲି । ପୂର୍ବ ଦିଗର ଆକାଶ ଲାଲ ଟହ ଟହ । ସେ ପାଖର ଉପରେ ମେଘ, ଗଛର ଡାଳ ପତ୍ର ତଳେ ନଈପାଣି ସବୁ ଲାଲ ଦେଖାଯାଉଥାଏ । ତାକୁ ଭାରି ଭଲ ଲାଗୁଥାଏ । ସେହି କୁଆଟିର ନାମ 'ଲଘୁପତନକ' ।



ଖାଦ୍ୟ ଜିନିଷ ଖୋଜିବାକୁ ସେ ବାହାରିଛି, ଏହି ସମୟରେ ଦେଖିଲା ଗୋଟିଏ ଯମ ପରି ଦେଖା ଯାଉଥିବା ବ୍ୟାଧ ତର ତର ହୋଇ ବଣ ଭିତରକୁ ଯାଉଛି । ତା' ଦେହ ନିର୍ଘୁମ କଳା । ମୁଣ୍ଡ ବାଳ କରଡ଼ା, ଆଖି ଦୁଇଟା ଲାଲ ଲାଲ ।

Digitized by srujanika@gmail.com

ସେ ଜଣେ ବ୍ୟାଧ । ବଣରୁ ପକ୍ଷୀ ଧରି ବିକ୍ରୀ କରିବା ତା'ର ପେଷା । ସେ ବଡ଼ ନିଷ୍ଠୁର । ପଶୁ ପକ୍ଷୀ—କାହାଠାରେ ତା'ର ଦୟା ନାହିଁ । ସମସ୍ତଙ୍କୁ ମାରେ । ନିଜେ ମାଂସ ଖାଏ । ପୁଣି ଲୋକଙ୍କୁ ବିକ୍ରୀ କରେ ।

ତାକୁ ଦେଖିଦେଲା କ୍ଷଣି ଲଘୁପତନକର ଅନୁକୂଳ ବନ୍ଦ ହୋଇଗଲା । ସେ ବିରକ୍ତ ହେଲା ମନେ ମନେ । ଭାବିଲା, ଅନୁକୂଳ ବେଳାରେ ଗୋଟାଏ ଅମଙ୍ଗଳକୁ ଦେଖିଲି । ଦନଯାକ ଆଜି ଖାଇବାକୁ ମିଳିବ ନାହିଁ । ପୁଣି କି ଦଶା ପଡ଼ିବ କିଏ ଜାଣେ ।

ଏହା ଭାବି ସେ ଆଉ ଖାଦ୍ୟ ଖୋଜିବାକୁ ଗଲା ନାହିଁ । ସେହିଠାରେ ବସି ରହିଲା ।

ବ୍ୟାଧ ସେହି ବରଗଛ ମୂଳକୁ ଆସିଲା । ତଳେ ମୁଠାଏ ଚାଉଳ ବିଞ୍ଚିଦେଲା । ତା ଉପରେ ଚଢ଼େଇ ଧରିବା ଜାଲ ବିଛାଇ ଦେଲା । କିଛି ଦୂରକୁ ଯାଇ ଆଉ ଗୋଟିଏ ଗଛମୂଳେ ବସି ରହିଲା । ବସୁ ବସୁ ତାକୁ ଛାଇ ନିଦ ଲାଗିଗଲା ।

ଗଛରେ ରହୁଥିବା ସବୁ ଚଢ଼େଇଙ୍କୁ ଡାକି ଲଘୁପତନକ ସାବଧାନ କରାଇଦେଲା । କହିଲା, "ଏ ଦୁଷ୍ଟ ବ୍ୟାଧ ଏଠାରେ ଚାଉଳ ପକାଇଛି । ତାହା ଆମ ଖାଦ୍ୟ ନୁହେଁ । ସାକ୍ଷାତ ବିଷ । ଚାଉଳ ଲୋଭରେ କେହି ସେଠାକୁ ଯିବ ନାହିଁ । ଯେ ଯିବ, ସେ ଜାଲରେ ଛନ୍ଦି ହୋଇ ଅଟକି ରହିଯିବ । ବ୍ୟାଧ ତାକୁ ଧରି ନେଇ ମାରି ପକାଇବ ।"

ଏହା ଶୁଣି ଗଛରେ ଥିବା ସବୁ ଚଢ଼େଇ କେହି ସେ ଚାଉଳ ପାଖକୁ ଗଲେ ନାହିଁ । ଖାଦ୍ୟ ଖୋଜିବାକୁ ଦୂର ସ୍ଥାନମାନକୁ ଉଡ଼ିଗଲେ ।

ଦୂର ବଣରେ ଗୋଟିଏ ଗଛରେ ବହୁତ ପାରା ରହୁଥିଲେ । ସେମାନଙ୍କ ସଂଖ୍ୟା ହଜାରେ ହେବ । ସେହି ପାରାମାନଙ୍କର ରାଜାଙ୍କର ନାମ ଚିତ୍ରଗ୍ରୀବ !

Digitized by srujanika@gmail.com

ସବୁ ପାରା ତାଙ୍କର କଥା ମାନି ଚଳନ୍ତି । ତେଣୁ ସେମାନଙ୍କର କିଛି ବିପଦ ପଡ଼େ ନାହିଁ ।

ରାଜା ଚିତ୍ରଗ୍ରୀବଙ୍କ ସହିତ ସବୁ ପାରା ଖାଦ୍ୟ ଖୋଜିବାକୁ ଉପରେ ଉଡ଼ି ଯାଉଥିଲେ । ସେମାନେ ତ ବହୁତ ଦୂରରୁ ଦେଖି ପାରନ୍ତି । ଗୋଟିଏ ପାରା ତଳେ ଚାଉଳ ପଡ଼ିଥିବାର ଦେଖିଲା । ସମସ୍ତଙ୍କୁ କହିଲା, "ଏହିଠାରେ ବହୁତ ଚାଉଳ ପଡ଼ିଛି । ଚାଲ ତାକୁ ଖାଇବା ।"

ଚିତ୍ରଗ୍ରୀବ ବାଧା ଦେଲେ । କହିଲେ, "ଏଇଟା ନିର୍ଜନ ସ୍ଥାନ । ମନୁଷ୍ୟମାନେ ଏଠାରେ ବାସ କରନ୍ତି ନାହିଁ । ଏଠାକୁ ଚାଉଳ ଆସିବା ସମ୍ଭବ ନୁହେଁ । ତେଣୁ ସେଠାକୁ ଯିବା ବିପଦ । କୌଣସି ଦୁଷ୍ଟ ଲୋକ ଆମଙ୍କୁ ଧରିବା ପାଇଁ ଏପରି କୌଶଳ କରିଛି ।"

ଚାଉଳ ଦେଖି କେତେଗୁଡ଼ିଏ ପାରାଙ୍କର ଲୋଭ ହୋଇଥିଲା । ସେମାନେ ଖାଇବା ପାଇଁ ତଳକୁ ଓହ୍ଲାଇ ଆସିଲେ । ନିଜ ପ୍ରଜାମାନଙ୍କୁ ବିପଦରେ ପକାଇବାକୁ ସେ ଚାହୁଁ ନଥିଲେ ।

ଚାଉଳ ଖୁମ୍ପିବା ସଙ୍ଗେ ସଙ୍ଗେ ପାରାମାନଙ୍କ ଗୋଡ ଜାଲରେ ଛନ୍ଦି ହୋଇଗଲା । ସେମାନେ ଉଡ଼ିବାକୁ ଯେତେ ଚେଷ୍ଟା କଲେ ଆଉ ଉଠିପାରିଲେ ନାହିଁ । ଖାଲି ଡେଣା ଫଡ଼ ଫଡ଼ କରିବା ସାର ହେଲା ।

ସେହି ଶବ୍ଦ ଶୁଣି ବ୍ୟାଧର ନିଦ ଭାଙ୍ଗିଗଲା । ଜାଲରେ ବହୁତ ପାରା ପଡ଼ିଛନ୍ତି ଦେଖି ସେ ଖୁସି ହୋଇଗଲା । ଗୋଟିଏ ଠେଙ୍ଗା ଧରି ଜାଲ ପାଖକୁ ଆସିଲା ।

ପାରାମାନେ ଭୟରେ କମ୍ପିବାକୁ ଲାଗିଲେ । ଚିତ୍ରଗ୍ରୀବ ସେମାନଙ୍କୁ ଆଶ୍ୱାସନା ଦେଲେ । କହିଲେ "ଆଗରୁ କଥା ଅଛି, ସମ୍ପଦରେ ଚାତର କରିବ ନାହିଁ କି

Digitized by srujanika@gmail.com

ବିପଦରେ କାତର ହୋଇ ପଡ଼ିବ ନାହିଁ । ଆମେ ଜାଲରୁ କିପରି ମୁକୁଳିବା, ସେହି ଉପାୟ କରିବା । ସମସ୍ତେ ଏକ ସମୟରେ ଆକାଶକୁ ଉଡ଼ିଯିବା । ତା' ହେଲେ ବ୍ୟାଧ ଆଉ ଆମକୁ ମାରିପାରିବ ନାହିଁ ।"

ଚିତ୍ରଗ୍ରୀବଙ୍କ କଥାରେ ସମସ୍ତେ ଏକାଠି ଉଡ଼ିଗଲେ । ସେମାନଙ୍କ ପାଦ ନଖରେ ଛନ୍ଦି ହୋଇ ଜାଲ ମଧ୍ୟ ଆକାଶରେ ଉଡ଼ିଲା ।

ବ୍ୟାଧ କିଛି ଦୂର ସେମାନଙ୍କ ଗୂହିଁ ଗୋଡ଼ାଇଲା । ମାତ୍ର ଅତି ଉଚ୍ଚରେ ସେମାନେ ଉଡ଼ୁଥିବାରୁ କିଛି କରି ପାରିଲା ନାହିଁ । ମନ ଦୁଃଖରେ ଘରକୁ ଫେରିଲା ।

ପିଲାଏ ପଚାରିଲେ, "ତା ପରେ କଅଣ ହେଲା ?"

ପଣ୍ଡିତ ବିଷ୍ଣୁଶର୍ମା ପଚାରିଲେ, "ଗପ ଭଲ ଲାଗୁଛି ତ ?"

ସମସ୍ତେ କହି ଉଠିଲେ, "ହଁ, ହଁ ।"

"ଆଜି ବହୁତ ସମୟ ହେଲାଣି । ବସିବସି ତୁମକୁ ବିରକ୍ତ ଲାଗୁଥିବ । ଯାଅ ଖେଳିବ ।" ବିଷ୍ଣୁଶର୍ମା ହସି ହସି କହିଲେ । ପାରାମାନେ ଜାଲରୁ କିପରି ମୁକୁଳିଲେ ସେ କଥା କାଲି କହିବ ।

"ଆଉ ଶୁଣ, ବରଗଛରେ ଥିବା ଚଢ଼େଇମାନେ ଲଘୁପତନକ କୁଆର କଥା ମାନିବାରୁ ସେମାନଙ୍କର କିଛି କଷ୍ଟ ହେଲାନାହିଁ । କିନ୍ତୁ ପାରାମାନେ ତାଙ୍କ ରାଜା ଚିତ୍ରଗ୍ରୀବଙ୍କ କଥା ନ ମାନିବାରୁ ଜାଲରେ ବନ୍ଦୀହେଲେ । ମନେରଖ ଗୁରୁଜନମାନଙ୍କ କଥା ଯେ ନ ଶୁଣେ, ସେ ଏହିପରି କଷ୍ଟ ପାଏ ।"

* * *

Digitized by srujanika@gmail.com

ବନ୍ଧୁ ବଳ ଦିଏ

ପରଦିନ ପଣ୍ଡିତ ଶର୍ମା ଆସିଲେ । ଦେଖିଲେ ପିଲାମାନେ ଗପ ଶୁଣିବାକୁ ଆଗରୁ ଆସି ବସିଛନ୍ତି । ଆଜି ମୁହଁ ହାତ ମାଟି ବୋଳା ନୁହେଁ କି ପିନ୍ଧିଥିବା ପୋଷାକ ମଇଳା ନୁହେଁ ।

ପଣ୍ଡିତେ ଆସିଯିବା ସଙ୍ଗେ ସଙ୍ଗେ ସେମାନେ କହି ଉଠିଲେ "ଗପ କୁହ । ପାରାମାନେ ଜାଲରୁ ଫିଟିଲେ କିପରି, ତାହା ଆମେ ଶୁଣିବୁ ।"

ବିଷ୍ଣୁଶର୍ମା କହିଲେ, "ଗପ ଆରମ୍ଭ କରିବା ଆଗରୁ ଗୋଟିଏ କଥା କହୁଛି ଶୁଣ । କାହାରିକୁ ତୁ ତା କରି କହିବ ନାହିଁ । ତୁମ ଠାରୁ ଯେ ସାନ କିମ୍ବା ତୁମର ଦାସ ଦାସୀ ହେଲେ ମଧ୍ୟ ସେମାନଙ୍କୁ ତୁମେ କହିବ । ତୁମଠାରୁ ଯେ ବୟସରେ ବଡ଼, ତୁମ ଗୁରୁଜନ, ସେମାନଙ୍କୁ ଆଜ୍ଞା ଆପଣ କହିବ । ଆପଣ ବସନ୍ତୁ, ଆପଣ କହନ୍ତୁ—ଏହିପରି କଥାବାର୍ତ୍ତା କରିବ । ପଣ୍ଡିତ, ଭଦ୍ରଲୋକ ଓ ସୁଧୀର ପିଲାମାନେ ଏହିପରି କହିଥାନ୍ତି ।"

ପିଲାମାନେ ଖୁସି ମନରେ କହିଲେ, "ଆଜ୍ଞା ମନେ ରହିଲା । ଏବେ କହନ୍ତୁ, ପାରାମାନଙ୍କ ଦଶା କଅଣ ହେଲା ?"

ବିଷ୍ଣୁଶର୍ମା ଖୁସି ହୋଇଗଲେ । ତା' ପରେ ଗପ ଆରମ୍ଭ କଲେ—

ପାରାମାନେ ଆକାଶରେ ଉଡ଼ୁ ଉଡ଼ୁ ଦେଖିଲେ ଯେ ବ୍ୟାଧ ନିରାଶ ହୋଇ ଫେରି ଗଲାଣି । ତା' ପରେ ବିଚାରିଲେ, ଏବେ କଅଣ କରିବା ?

ରାଜା ଚିତ୍ରଗ୍ରୀବ ପରାମର୍ଶ ଦେଲେ, ବହୁତ ଦୂରରେ ମୋର ବନ୍ଧୁ ହିରଣ୍ୟକ ଅଛନ୍ତି । ଚାଲ ତାଙ୍କର ପାଖକୁ ଉଡ଼ି ଉଡ଼ି ଯିବା । ସେ ଆମଙ୍କୁ ଏ ବିପଦରୁ ରକ୍ଷା କରିବେ ।

Digitized by srujanika@gmail.com

ହିରଣ୍ୟକ ହେଉଛନ୍ତି ମୂଷିକମାନଙ୍କ ରାଜା । ହଜାରେ ମୂଷା ତାଙ୍କର ପ୍ରଜା । ନଦୀ କୂଳରେ ଗୋଟିଏ ଗାତ ଭିତରେ ସେମାନେ ବାସ କରନ୍ତି । ରାଜା ହିରଣ୍ୟକଙ୍କ କଥା ମାନି ଚାଲୁଥିବାରୁ ବେଶ୍ ଆନନ୍ଦରେ ସେମାନଙ୍କ ଦିନ କଟିଯାଏ । ଆପଦ ବିପଦ କଣ ଜାଣନ୍ତି ନାହିଁ ।



ଚିତ୍ରଗ୍ରୀବଙ୍କ ନିର୍ଦ୍ଦେଶରେ ପାରିମାନେ ଜାଲ ଧରି ହିରଣ୍ୟକଙ୍କ ଗାତ ଆଡ଼କୁ ଆସିଲେ । ମୂଷିକରାଜ ଗୁଡ଼ାଏ ଚଢ଼େଇ ଉଡ଼ିବା ଶବ୍ଦ ଶୁଣିଲେ । ସେ ଗାତ ମୁହଁକୁ ଆସି ଉପରକୁ ଚାହିଁଲେ । ଗୋଟାଏ ଜାଲ ଉଡ଼ୁଥିବାର ଦେଖି ଭୟରେ ଗାତ ଭିତରେ ପଶିଗଲେ ।

Digitized by srujanika@gmail.com

ପାରାମାନେ ଗାତ ପାଖରେ ଭୂଇଁକୁ ଓହ୍ଲାଇଲେ । ରାଜା ଚନ୍ଦ୍ରଗ୍ରୀବ ଡାକଦେଲେ, "ବନ୍ଧୁ ହିରଣ୍ୟକ, ଟିକିଏ ପଦାକୁ ଆସ । ଆମେ ସବୁ ଏକାଠି ଜାଲରେ ଛନ୍ଦି ହୋଇ ଯାଇଛୁ । ଆମକୁ ସାହାଯ୍ୟ କର । ଏ ବନ୍ଧନରୁ ମୁକୁଳାଇ ଦିଅ । ବିପଦବେଳେ ଯେ ରକ୍ଷାକରେ ସେହି ହିଁ ପ୍ରକୃତ ବନ୍ଧୁ ।"

ବନ୍ଧୁ ଚନ୍ଦ୍ରଗ୍ରୀବଙ୍କ ପାଟି ବାରି ପାରି ହିରଣ୍ୟକ ପଦାକୁ ବାହାରି ଆସିଲେ । ଚନ୍ଦ୍ରଗ୍ରୀବଙ୍କୁ ପଚାରିଲେ, "ତୁମର ଏପରି ଦଶା ହେଲା କିପରି ?"

ଚନ୍ଦ୍ରଗ୍ରୀବ ଉତ୍ତର ଦେଲେ, "ଆଗ ଆମକୁ ଏ କଷ୍ଟରୁ ରକ୍ଷା କର । ପରେ କଥାବାର୍ତ୍ତା ।"

ହିରଣ୍ୟକ ତାଙ୍କର ସମସ୍ତ ମୂଷାଙ୍କୁ ଡାକ ଦେଲେ । ସମସ୍ତେ ମିଳିମିଶି ଜାଲର ସୂତା କାଟି ପକାଇଲେ । ସେମାନଙ୍କ ଅତି ମୁନିଆ ଦାନ୍ତରେ କ୍ଷଣକ ମଧ୍ୟରେ ଜାଲ ଛିନ୍ନ ଭିନ୍ନ ହୋଇଗଲା । ପାରା ସବୁ ବନ୍ଧନରୁ ମୁକୁଳି ଖୁସି ହେଲେ ।

ଚନ୍ଦ୍ରଗ୍ରୀବ ନିଜର ଦୁର୍ଦ୍ଦଶା ବର୍ଣ୍ଣନା କରି ନିଜ ରାଜ୍ୟକୁ ଯିବାକୁ ବାହାରିଲେ ।

ହିରଣ୍ୟକ କହିଲେ "ବନ୍ଧୁ, ବହୁଦିନ ପରେ ତୁମ ସହିତ ଦେଖା ହେଲା । ଭୋକ ଉପାସରେ ତୁମକୁ ଛାଡ଼ି ଦେବି ନାହିଁ । ଖାଇ ପିଇ ସୁସ୍ଥ ହୁଅ ଆଗ ।"

ତାଙ୍କ କଥା ଅନୁସାରେ ଗାତ ଭିତରେ ଯେତେ ଖାଦ୍ୟଶସ୍ୟ ସାଇତା ହୋଇଥିଲା, ମୂଷାମାନେ ବୋହିଆଣି ପାରାମାନଙ୍କୁ ଖାଇବାକୁ ଦେଲେ । ସମସ୍ତେ ଆନନ୍ଦରେ ଖାଇଲେ । କିଛି ସମୟ ବିଶ୍ରାମ ନେଇ ଆନନ୍ଦ ମନରେ ନିଜ ଅଞ୍ଚଳକୁ ଫେରିଗଲେ ।

କାକ ଲଘୁପତନକ ପାରାମାନଙ୍କ ପଛେ ପଛେ ଉଡ଼ି ଉଡ଼ି ଆସୁଥିଲେ । ଏ ଘଟଣା ଦେଖି ସେ ନିଜର ଭୋକ ଶୋଷ ଭୁଲି ଯାଇଥିଲେ । ପାରାମାନଙ୍କ ଦଶା

Digitized by srujanika@gmail.com

କଅଣ ହେବ ତାହା ଜାଣିବା ପାଇଁ ଏତେ ବାଟ ଆସିଥିଲେ । ମୂଷିକରାଜ ହିରଣ୍ୟକଙ୍କ କାର୍ଯ୍ୟ ଦେଖି ବହୁତ ଖୁସି ହୋଇଗଲେ । ଭାବିଲେ, ଏହା ହିଁ ପ୍ରକୃତ ବନ୍ଧୁର କାମ । ମୂଷିକରାଜ ଭାରି ସାଧୁ ଓ ବନ୍ଧୁ ସ୍ନେହୀ । ତାଙ୍କ ସହିତ ମୋର ବନ୍ଧୁତା ହେଲେ ବଡ଼ ଭଲ ହୁଅନ୍ତା ।

ପାରା ସବୁ ଉଡ଼ିଗଲା ପରେ ହିରଣ୍ୟକ ଦେଖିଲେ, ଗୋଟାଏ କୁଆ ରହିଛି । କୁଆମାନେ ମୂଷାଙ୍କୁ ଧରି ଖାଇଯାଆନ୍ତି । ଭୟ ପାଇ ସବୁ ମୂଷାଙ୍କୁ ସେ ଆଗ ଗାତ ଭିତରକୁ ପଠାଇ ଦେଲେ । ସମସ୍ତେ ଗଲାପରେ ସେ ତରତର ହୋଇ ଗାତ ଭିତରକୁ ପଶିଗଲେ ।

❊ ❊

Digitized by srujanika@gmail.com

ଲୋଭ କଲେ ବିପଦ

ପରଦିନ ବିଷ୍ଣୁଶର୍ମା ଆସିଲେ । ପିଲାମାନେ ଦାଣ୍ଡରେ ଖେଳୁଥିଲେ । ପଣ୍ଡିତଙ୍କୁ ଦେଖି ତରତର ହୋଇ ଧାଇଁ ଆସିଲେ । ଯେ ଯାହା ସ୍ଥାନରେ ବସି ପଡ଼ିଲେ । ହାତ, ମୁହଁ, ପିନ୍ଧିଥିବା ପୋଷାକ ମଇଳା, ମାଟି କାଦୁଅ ଲାଗି ଅସନା ଦିଶୁଛି ।

ପଣ୍ଡିତେ କହିଲେ—"ଯଦି ଗପ ଶୁଣିବ, ତେବେ ଆଗ ସଫା ସୁତୁରା ହୋଇ ଆସ । ଗୋଟାଏ ଭଲ ଗପ କହିବି ।"

ସଙ୍ଗେ ସଙ୍ଗେ ପିଲାଏ ଉଠିଗଲେ । ମୁହଁ ହାତ ଧୋଇ, ସଫା ସୁତର ଲୁଗା ଜାମା ପିନ୍ଧି ବସିଗଲେ । କହିଲେ—"ହିରଣ୍ୟକ ମୂଷା ବଡ଼ ଉପକାର କଲା । ପାରାମାନେ ଜାଲରୁ ମୁକୁଳି ଆନନ୍ଦରେ ଉଡ଼ିଗଲେ । ତାହା ପରେ କଅଣ ହେଲା ?"

ଅନନ୍ତ ଶକ୍ତି କହିଲେ—"ଆମେ ହିରଣ୍ୟକ ଭଳି ବନ୍ଧୁ ହେବୁ । ଆଉ ଆମ ସାଙ୍ଗମାନଙ୍କ ସହିତ କଳିକରିବୁ ନାହିଁ । କାହାରିକୁ ମାରଧର କରିବୁ ନାହିଁ ।"

ବିଷ୍ଣୁଶର୍ମା ଗପ ଆରମ୍ଭ କଲେ ।

ପାରାମାନେ ଖୁସିରେ ନିଜ ଘରକୁ ଫେରୁଥିଲେ । ସେତିକିବେଳେ ରଜା ଚିତ୍ରଗ୍ରୀବ କହିଲେ—"ଶାସ୍ତ୍ରରେ ଅଛି, କେବେ ଲୋଭ କରିବ ନାହିଁ । ଆମେ ଲୋଭ କରି ଏତେ କଷ୍ଟ ପାଇଲେ । ବନ୍ଧୁ ହିରଣ୍ୟକ ଯୋଗୁ ସିନା ରକ୍ଷା ପାଇଗଲେ । ନ ହେଲେ ଲୋଭୀ ବ୍ରାହ୍ମଣ ପରି ବାଘ ହାତରେ ମରିଥା'ନ୍ତେ ।"

ସେଇଥି ପାଇଁ କଥା ରହିଛି, ବନ୍ଧୁବାନ୍ଧବ ସାଙ୍ଗସାଥୀଙ୍କୁ କେବେ ଛଡ଼ାଇବ ନାହିଁ । ସେମାନଙ୍କ ସାଙ୍ଗରେ କଳି କରିବ ନାହିଁ । ସେମାନଙ୍କୁ ସୁଖ ପାଇଲେ ଓ

Digitized by srujanika@gmail.com

ମିଳି ମିଶି ଚଳିଲେ ବନ୍ଧୁ ହିରଣ୍ୟକ ଭଳି ସେମାନେ ବିପଦରୁ ରକ୍ଷା କରିବେ ।

"ଲୋଭୀ ବ୍ରାହ୍ମଣ କିପରି ମଲା ?" --ପାରାସବୁ ପଚାରିଲେ ।

ଚିତ୍ରଗ୍ରୀବ ସେହି ବାଘ ଓ ଲୋଭୀ ବ୍ରାହ୍ମଣ ଗପ ସେମାନଙ୍କ ଆଗରେ ବର୍ଣ୍ଣନା କଲେ ।

ବଣରେ ଗୋଟିଏ ବାଘ ଥିଲା । ସେ ବଡ଼ ଦୁଷ୍ଟ । ପ୍ରତିଦିନ ବହୁତ ଜୀବଜନ୍ତୁ ମାରି ପକାଏ । ଲୋଭ କରି ମାରେ ସିନା, ସବୁ ଖାଇ ପାରେ ନାହିଁ । ଗୋଟିଏ ଖାଇଲେ ତା ପେଟ ପୂରିଯାଏ । ଆଉ ସବୁ ମଲା ପଶୁ ସଢ଼ି ପଚି ଯାଆନ୍ତି ।

ଏହିପରି ଜଙ୍ଗଲର ସବୁ ପଶୁ ସରିଗଲେ । ବାଘ ଖାଇବାକୁ କିଛି ପାଇଲା ନାହିଁ । ଭୋକ ଉପାସରେ ରହି ଦୁର୍ବଳ ହୋଇ ପଡ଼ିଲା । ଦେହ ତା'ର ଶୁଖିଗଲା । ଆଉ ଦଉଡ଼ି ପାରିଲା ନାହିଁ ।

ଶେଷକୁ ଗୋଟାଏ ଉପାୟ ଚିନ୍ତା କଲା । ପୋଖରୀ କୂଳରେ ଯାଇ ବସି ରହିଲା । ହାତରେ ସୁନାରେ ତିଆରି କଙ୍କଣଟିଏ ଧରିଥାଏ ।

ସେ ପୋଖରୀକୁ ବହୁତ ଲୋକ ଗାଧୋଇବାକୁ ଆସନ୍ତି । ବାଘ ସେମାନଙ୍କୁ ଡାକି ପକାଏ—"ଆସ ମୋ ଠାରୁ ଏ କଙ୍କଣ ନିଅ ।"

ବାଘ ତ ଗୋଟିଏ ଭୟଙ୍କର ଜନ୍ତୁ । ସମସ୍ତଙ୍କୁ ମାରି ଖାଇଯାଏ । କିଏ ବା କାହିଁକି ତା ପାଖକୁ ଆସିବ ? ସମସ୍ତେ ଗାଧୋଇ ସାରି ପଳାଇ ଯାଆନ୍ତି ।

ଶେଷକୁ ଗୋଟିଏ ବୁଢା ବ୍ରାହ୍ମଣ ଗାଧୋଇବାକୁ ଆସିଲେ । ଗାଧୋଇ ସାରି ସୂର୍ଯ୍ୟଙ୍କୁ ଚାହିଁ ତର୍ପଣ କଲେ ।

ସେତିକିବେଳେ ବାଘ ଡାକି କହିଲା—"ହେ ବ୍ରାହ୍ମଣ, ତୁମେ ବଡ଼ ଧାର୍ମିକ ପୁରୁଷ । ଧର୍ମ କାର୍ଯ୍ୟରେ ଲାଗିଥାଅ । ଏ ସୁନା କଙ୍କଣଟି ମୁଁ ତୁମକୁ ଦାନ

Digitized by srujanika@gmail.com



କରିବା ପାଇଁ ଏଠାରେ ବସିଅଛି । ଆସ, ଦାନ ଗ୍ରହଣ କର । ମୋତେ ପାପରୁ ମୁକ୍ତ କରି ଦିଅ ।"

ବ୍ରାହ୍ମଣ ପଚାରିଲେ—"ବାଘ ସବୁ ମଣିଷଙ୍କୁ ମାରି ଖାଇଯାଆନ୍ତି । ମୁଁ ତୁମ ପାଖକୁ ଗଲେ ତୁମେ ମୋତେ ମାରିପକାଇବ ।"

ବାଘ ଉତ୍ତର ଦେଲା—"ହେ ବ୍ରାହ୍ମଣ, ମୋ କଥା ଶୁଣ । ଆଗେ ମୁଁ ବହୁତ ଜୀବ ହତ୍ୟା କରି ମହାପାପ କରିଅଛି । ତା'ର ପ୍ରାୟଶ୍ଚିତ୍ତ ସ୍ୱରୂପ ଜଣେ ସାଧୁ ସନ୍ନ୍ୟାସୀଙ୍କ ଶରଣ ପଶିଲି । ସେ ଉପଦେଶ ଦେଇଛନ୍ତି, ଆଉ ପ୍ରାଣୀ ହତ୍ୟା କର ନାହିଁ । ଦରିଦ୍ର ଧାର୍ମିକ ବ୍ରାହ୍ମଣଙ୍କୁ ପ୍ରତିଦିନ ସକାଳେ କିଛି କିଛି ଦାନ କର । ସେମାନଙ୍କ ଦୁଃଖ ଦୂର ହେବ ଏବଂ ସେମାନଙ୍କ ଠାରୁ ଆଶୀର୍ବାଦ ପାଇଲେ ତୁମର ପାପ ଲୋପ ପାଇଯିବ । ସେଇଥିପାଇଁ ମୁଁ ପ୍ରତିଦିନ ଏକାଦଶୀ ପାଳନା କରୁଅଛି । ଉପାସ ରହି ଦାନ ଦେଉଅଛି । ଜାଣି ପାରିଲି, ତୁମେ ଅତି ଗରିବ । ଧର୍ମ ପ୍ରତି ତୁମର ନିଷ୍ଠା ଅଛି । ତେଣୁ ତୁମେହିଁ ଉପଯୁକ୍ତ ଲୋକ ବୋଲି ଭାବି ତୁମକୁ ନିବେଦନ କରୁଛି । ମୋ ଦାନ ଗ୍ରହଣ କରି ମୋତେ କଲ୍ୟାଣ କର । ତା' ହେଲେ ମୁଁ ସବୁ ପାପରୁ ତ୍ରାହି ପାଇଯିବ ।"

ସୁନା କଙ୍କଣ ଦେଖି ବ୍ରାହ୍ମଣଙ୍କ ମନରେ ଲୋଭ ହେଲା । ତଥାପି ବାଘ ପାଖକୁ ଯିବାକୁ ପାଦ ଚଳୁ ନ ଥାଏ ।

ଏହା ଦେଖି ବାଘ ପୁଣି କହିଲା—"ପଣ୍ଡିତମାନେ କହି ଯାଇଛନ୍ତି, ନିଜର ପ୍ରାଣ ଯେପରି ପ୍ରିୟ, ଅନ୍ୟ ପ୍ରାଣୀମାନଙ୍କ ଜୀବନକୁ ସେହିପରି ପ୍ରିୟ ମନେ କରିବ । ସେଇଥିପାଇଁ ସାଧୁମାନଙ୍କର ପର ଆପଣା ଜ୍ଞାନ ନ ଥାଏ । ସମସ୍ତେ ସମାନ, ସମସ୍ତଙ୍କଠାରେ ଭଗବାନ ବିଦ୍ୟମାନ । ମୁଁ ଗୁରୁଙ୍କ ଠାରୁ ଏହି ଦୀକ୍ଷା ପାଇଅଛି । ପୁଣି ଗୁରୁ କହି ଅଛନ୍ତି, ଦରିଦ୍ରକୁ ଧନ ଦାନ କରିବ । ଧନୀକୁ ଦାନ ଦେଲେ

Digitized by srujanika@gmail.com

ତାହା ବୁଝିଯିବ । ତୁମେ ଦରିଦ୍ର, ସେଇଥିପାଇଁ ତୁମକୁ ଦାନ ଦେବାକୁ ସ୍ଥିର କରିଛି ।”

ବ୍ରାହ୍ମଣଙ୍କ ଲୋଭ ବଢ଼ିଗଲା । ତଥାପି ପ୍ରାଣ ଭୟରେ ସେ ଗଲେ ନାହିଁ । ଦୂରରେ ରହି କହିଲେ—“ଶାସ୍ତ୍ରରେ ଲେଖା ଅଛି, ଯେଉଁ ପଶୁର ଶିଙ୍ଗ ଅଛି, ହିଂସ୍ର ପଶୁ—ଯେ ଜୀବଜନ୍ତୁ ମାରି ଖାଏ, ଯାହାର ନଖ, ଦାନ୍ତ ଅତି ମୁନିଆ, ପୁଣି ଅଜଣା ସ୍ଥାନର ନଈ, ରାଜା, ନାରୀଙ୍କ ପାଖରୁ ସବୁ ବେଳେ ଦୂରରେ ରହିବ । ତୁମେ ହିଂସ୍ର

Digitized by srujanika@gmail.com

ପଶୁ, ପୁଣି ତୁମ ନଖ, ଦାନ୍ତ ଅତି ମୁନିଆ, ଏପରି ଅବସ୍ଥାରେ ମୁଁ କିପରି ତୁମକୁ ବିଶ୍ୱାସ କରିବି ।"

ବାଘ ଉତ୍ତର ଦେଲା—"ହଁ, ଗୋଟାଏ ଅପବାଦ ଅଛି, ବାଘ ମଣିଷ ଖାଇଯାଏ । ତଥାପି କଅଣ ସାଧୁ ବାଘ ନାହାନ୍ତି ? ତୁମେ ଯେପରି ସାଧୁଲୋକ, ମୁଁ ମଧ୍ୟ ସେହିପରି ଗୋଟିଏ ସାଧୁ ବାଘ । ମୋ ଠାରୁ ଦାନ ନେଲେ ତୁମ ଦୁଃଖ ଦୂର ହେବ, ମୁଁ ଦାନ ଦେଲେ ପାପରୁ ମୁକ୍ତ ହୋଇଯିବି । ଆମ ଦୁହିଁଙ୍କର ମଙ୍ଗଳ ହେବ ।"

ଏତେ କଥା ଶୁଣି ବ୍ରାହ୍ମଣ ଆଉ ଲୋଭ ସମ୍ଭାଳି ପାରିଲେ ନାହିଁ । ସୁନା କଙ୍କଣ ପାଇବା ଆଶାରେ ବାଘ ପାଖକୁ ଗଲେ । ସୁଯୋଗ ପାଇ ବାଘ ତାଙ୍କ ଉପରକୁ କୁଦି ପଡ଼ିଲା ଏବଂ ତଣ୍ଟି କଣା କରି ରକ୍ତ ପିଇଲା ଓ ମାଂସ ଖାଇଲା ।

ଲୋଭ କଲେ ପ୍ରାଣୀ ଏହିପରି ଦଣ୍ଡ ଭୋଗି ଥାଏ ।

* * *

Digitized by srujanika@gmail.com

କୁଆ-ମୂଷା ଉପାଖ୍ୟାନ

ପରଦିନ ପଣ୍ଡିତ ବିଷ୍ଣୁଶର୍ମା ଆସିଲେ । ଦେଖିଲେ ପିଲାମାନେ ଗପ ଶୁଣିବାକୁ ଆଗରୁ ଅପେକ୍ଷା କରି ବସିଛନ୍ତି । ସମସ୍ତଙ୍କ ମୁହଁ ହସ ହସ । ପୋଷାକ ସଫା ସୁତୁରା ।

ଉଗ୍ର ଶକ୍ତି ଆଗ ଉଠି କହିଲେ—"ଆଜ୍ଞା, ମୁଁ ଠିକ୍ କରିଛି, ଏଣିକି ମୂଷିକରାଜ ହିରଣ୍ୟକ ଭଳି ବନ୍ଧୁ ହେବି । କାହାରି ସହିତ କଳି କରିବି ନାହିଁ କି ମାରି ଧରି କରିବି ନାହିଁ । ତା ହେଲେ ବନ୍ଧୁମାନେ ମୋତେ ବିପଦବେଳେ ସାହାଯ୍ୟ କରିବେ । ମୁଁ ମଧ୍ୟ ସେମାନଙ୍କୁ ସାହାଯ୍ୟ କରିବି ।"

ସାନ ଭାଇ ଅନନ୍ତ ଶକ୍ତି କହିଲେ—"ମୁଁ ଆଉ କେବେ ହେଲେ ଲୋଭ କରିବି ନାହିଁ । ଲୋଭ କଲେ ବ୍ରାହ୍ମଣଙ୍କ ଭଳି ମରିବି କିମ୍ବା ପାରିମାନଙ୍କ ପରି ବନ୍ଦୀ ହେବି ।"

ବଡ଼ ଭାଇ ବହୁ ଶକ୍ତି ପଚାରିଲେ—"କୁଆ ଲଘୁପତନକ ମୂଷିକରାଜ ହିରଣ୍ୟକଙ୍କୁ ବନ୍ଧୁ ହେବା ପାଇଁ କହୁଥିଲା । କୁଆମାନେ ତ ମୂଷାମାନଙ୍କୁ ମାରି ଖାଇ ଯାଆନ୍ତି । ମୂଷା କୁଆମାନଙ୍କ ଖାଦ୍ୟ । ହିରଣ୍ୟକ କଅଣ ତା କଥାରେ ରାଜି ହେଲେ ?"

ପଣ୍ଡିତ କହିଲେ—"ଶୁଣ, ଆଜି ସେହି କୁଆ ଲଘୁପତନକ ଓ ମୂଷିକରାଜ ହିରଣ୍ୟକଙ୍କ ଉପାଖ୍ୟାନ କହିବି । ମନ ଦେଇ ଶୁଣ ।"

ଲଘୁପତନକ ମୂଷିକରାଜ ହିରଣ୍ୟକଙ୍କୁ ଡାକି କହିଲେ—"ବନ୍ଧୁ ହିରଣ୍ୟକ, ତୁମର କାର୍ଯ୍ୟ ଦେଖି ଓ ତୁମଠାରୁ ଶାସ୍ତ୍ର କଥା ଶୁଣି ମୁଁ ଅତି ଖୁସି ହୋଇଅଛି ।

Digitized by srujanika@gmail.com

ଚିତ୍ରଗ୍ରୀବଙ୍କ ପରି ମୁଁ ତୁମର ବନ୍ଧୁ ହେବାକୁ ଇଚ୍ଛା କରୁଛି । ତୁମେ ପଦାକୁ ଆସ । ଆମେ ଦୁହେଁ ଆନନ୍ଦରେ ଖେଳବୁଲ କରିବା ।"

ଗାତ ଭିତରେ ଥାଇ ହିରଣ୍ୟକ ଜବାବ ଦେଲେ—"ତୁମେ କିଏ ?

"ମୁ ଲଘୁପତନକ ନାମକ କାକ ।"



ଏହା ଶୁଣି ହିରଣ୍ୟକଙ୍କ ଭୟ ବେଶି ବଢ଼ିଗଲା । ସେ କହିଲେ "କୁଆମାନେ ମୂଷାମାନଙ୍କୁ ଖାଇଯାଆନ୍ତି । ତୁମେ ଖାଦକ ଜାତି, ମୁଁ ତୁମର ଖାଦ୍ୟ । ଏପରି ଅବସ୍ଥାରେ ଆମ ଭିତରେ ବନ୍ଧୁତା ଅସମ୍ଭବ ।"

Digitized by srujanika@gmail.com

କାକ ଉତ୍ତର ଦେଲେ—"ତୁମର ସାଧୁତା, ବନ୍ଧୁ ପ୍ରୀତି ଓ ଶାସ୍ତ୍ରଜ୍ଞାନ ଦେଖି ତୁମ ସହିତ ମିଶିବାକୁ ମୁଁ ବ୍ୟାକୁଳ । ଶାସ୍ତ୍ରରେ ଅଛି ସାଧୁ ସଂଗରେ ରହିଲେ ମନ୍ଦ ଲୋକ ବି ସାଧୁ ହୋଇଯାଏ । "ଅସାଧୁ ହୁଅଇ ସାଧୁ ସାଧୁର ସଂଗରେ ' ଗୋଳିଆ ପାଣି ଯେସନ ନିର୍ମଳା ଯୋଗରେ ।" ତୁମେ ମୋତେ ବନ୍ଧୁ ରୂପେ ଗ୍ରହଣ ନ କଲେ, ମୁଁ ଏଇଠି ତୁମ ଗାତ ମୁହଁରେ ବସି ରହିବି । କିଛି ଖାଇବି ନାହିଁ । ଅନଶନ କରିବି । ନ ଖାଇ ଶୁଖି ଶୁଖି ମରିଗଲେ, ପାପ ତୁମର ହେବ । ତୁମେ ଧର୍ମାତ୍ମା । ମୋ କଥାକୁ ବିଶ୍ୱାସ କର । ମୋତେ ବନ୍ଧୁରୂପେ ଗ୍ରହଣ କର । ମୋ ସହିତ ସାଂଗ ହୁଅ ।"

ହିରଣ୍ୟକ ଉତ୍ତର ଦେଲେ—"ଏହା ତ କଦାପି ସମ୍ଭବ ହେବ ନାହିଁ । ତୁମ ସ୍ୱଭାବ ଚରିତ୍ର ମୁଁ ଜାଣେ ନାହିଁ । ତୁମକୁ ବନ୍ଧୁ କଲେ, ତୁମ ସହିତ ମିଶିଲେ ମୃଗ ପରି ମୁଁ ବିପଦରେ ପଡ଼ିବି । ହୁଏ ତ ମରିବି ।"

ଲଘୁପତନକ ପ୍ରଶ୍ନ କଲେ—"ମୃଗ କିପରି ବିପଦରେ ପଡ଼ିଥିଲେ ? କାହା ଯୋଗେ ମରିବାକୁ ଯାଉଥିଲେ ? କାହା ଦ୍‌କାଣେ ରକ୍ଷା ପାଇଲେ ?"

ଗାତ ଭିତରେ ଥାଇ ହିରଣ୍ୟକ କହିଲେ—"ତେବେ ଶୁଣ ।"

* * *

Digitized by srujanika@gmail.com

କୁଆ, ମୃଗ ଓ ଧୂର୍ତ୍ତ ବିଲୁଆ

ମଗଧ ଦେଶରେ ଗୋଟିଏ ବଡ଼ ଜଂଗଲ ଥିଲା । ତାହାର ନାମ ଚମ୍ପକ ବଣ । ସେହି ଜଂଗଲରେ ବହୁ ପ୍ରକାରର ପଶୁପକ୍ଷୀ ବାସ କରନ୍ତି । ବହୁ ଦିନରୁ ଏକାଠି ରହି ଚଳି ଆସୁଥିବାରୁ ସେମାନଙ୍କ ମଧ୍ୟରେ କୌଣସି ଶତ୍ରୁତା ନଥାଏ । ସମସ୍ତେ ସମସ୍ତଙ୍କର ବନ୍ଧୁ ।

ଗୋଟିଏ କୁଆ ଓ ଗୋଟିଏ ମୃଗ ମଧ୍ୟରେ ବନ୍ଧୁତା ଅତି ଗାଢ଼ ଥିଲା । ମୁହୂର୍ତ୍ତେ ହେଲେ ସେମାନେ ପାଖଛଡ଼ା ହେଉ ନ ଥିଲେ । ମୃଗ ଘାସ ଚରି ଚରି ବଣର ଯେଉଁ ଆଡ଼କୁ ଯାଏ, କୁଆ ଉପରେ ଉଡ଼ି ଉଡ଼ି ତା ସଂଗେ ସଂଗେ ବୁଲୁଥାଏ । ଦିନଯାକ ଏକାଠି ବୁଲନ୍ତି । ରାତିହେଲେ ଗୋଟିଏ ସ୍ଥାନରେ ରହନ୍ତି । ମୃଗ ଗଛମୂଳେ ଶୋଇଲେ କୁଆ ସେହି ଗଛର ଡାଳ ଉପରେ ଶୋଇ ଯାଏ ।

ଅନ୍ୟ ବଣର ଗୋଟିଏ ବିଲୁଆ ସେ ମୃଗକୁ ଦେଖିଲା । ଭାବିଲା—"ଏ ମୃଗ ଦେହରେ ବହୁତ ମାଂସ । କୌଶଳରେ ଏହାକୁ ମାରି ପାରିଲେ କଅଁଳିଆ ମାଂସ ଖାଇବାକୁ ମିଳନ୍ତା ।"

ଏହା ଭାବି ସେ ମୃଗ ପାଖକୁ ଆସିଲା । କଅଁଳ ସ୍ୱରରେ ଡାକ କହିଲା—"ବନ୍ଧୁ ଭଲରେ ଅଛ ତ ?"

ମୃଗ ଘାସ ଚରିବା ଛାଡ଼ି ମୁହଁ ଟେକିଲା । ଶୃଗାଳକୁ ପଚାରିଲା- "ତୁମେ କିଏ ? ମୁଁ ତ ଆଗରୁ ତୁମକୁ କେବେ ଦେଖି ନାହିଁ ।"

ବିଲୁଆ ଉତ୍ତର ଦେଲା—ମୁଁ ଗୋଟିଏ ବିଲୁଆ । ମୋର ନାମ କ୍ଷୁଦ୍ରବୁଦ୍ଧି । ପାଖ ବଣରେ ମୁଁ ରହୁଛି । ମୋ ନାମ କ୍ଷୁଦ୍ରବୁଦ୍ଧି ହୋଇଥିବାରୁ ସେଠାରେ କେହି ମୋର ସାଙ୍ଗ ହୁଅନ୍ତି ନାହିଁ । ମୁଁ ଏକାକୀ ରହୁଥାଏ । ସୂର୍ଯ୍ୟ

Digitized by srujanika@gmail.com

ନ ଥିଲେ ପୃଥିବୀ ଯେପରି ଘୋର ଅନ୍ଧକାରରେ ରହନ୍ତା, ବନ୍ଧୁ କେହି ନ ଥିବାରୁ ମୁଁ ସେହିପରି ବଡ଼ ଦୁଃଖରେ ଦିନ କାଟୁଛି । ବହୁତ ଆଶା କରି ଆସିଛି, ତୁମେ ମୋତେ ବନ୍ଧୁ ରୂପେ ଗ୍ରହଣ କରିବ । ଆଜିଠାରୁ ଆମେ ଦୁହେଁ ଏକାଠି ରହିବା, ଏକାଠି ଖେଳିବା ଏବଂ ଗପସପ ହୋଇ ଖୁସିରେ ଚଳିବା ।”

ସରଳବିଶ୍ୱାସୀ ମୃଗ ବିଲୁଆର କପଟ ବୁଦ୍ଧି ପାରିଲା ନାହିଁ । ତା କଥାରେ ରାଜି ହୋଇଗଲା ।

ସେହି ସ୍ଥାନରେ ଗଛ ଡାଳରେ ବସି କୁଆ ସବୁ ଦେଖୁଥିଲା, ତାଙ୍କ କଥାବାର୍ତ୍ତା ଶୁଣୁ ଥିଲା ।

ସେ ମୃଗକୁ ଡାକି କହିଲା—“ବନ୍ଧୁ, ଅଜଣା ଅଶୁଣା ଜୀବ ସହିତ ହଠାତ୍ ବନ୍ଧୁ ହେବା ଉଚିତ ନୁହେଁ । କାହାର ସ୍ୱଭାବ କଅଣ, କିଏ କେଉଁ ମତଲବରେ ଅଛି ଏହା ବୁଝି ବିଚାରି, ଭଲ ରୂପେ ପରୀକ୍ଷା କରି ତା ସହିତ ମିଶିବା, ବନ୍ଧୁତା ବାନ୍ଧିବା ବିଚାରବନ୍ତର କାମ । ବିଲୁଆ ଆମ ବଣର ନୁହଁ, କି ତା ବିଷୟରେ କିଛି ଜଣା ନାହିଁ । ତେଣୁ ତାକୁ ଆମେ ବନ୍ଧୁ କରି ପାରିବା ନାହିଁ ।”

ଏହା ଶୁଣି ବିଲୁଆ କହିଲା—“ଏ କୁଆଟା ବଡ଼ ଅମଙ୍ଗଳିଆ । ବନ୍ଧୁ ମୃଗ, ତା କଥା ଶୁଣ ନାହିଁ । ତୁମର ଚାରିଗୋଡ଼, ମୋର ମଧ୍ୟ ଚାରିଗୋଡ଼ । ତୁମର ଲାଞ୍ଜ ଅଛି, ମୋର ବି ଲାଞ୍ଜ ଅଛି । ତେଣୁ ଆମେ ଦୁହେଁ ସମାନ । ସେ ଦୁଇ ଗୋଡ଼ିଆ କୁଆ ଆମକୁ ସହିପାରୁ ନାହିଁ ।” ପୁଣି କୁଆକୁ ଚାହିଁ କହିଲା—“ଆଚ୍ଛା, ତୁମେ ଓ ମୃଗ ତ ପୁଣି ବନ୍ଧୁ ହୋଇଛ । ପ୍ରଥମରେ କଅଣ କେହି କାହାକୁ ଜାଣିଥିଲ ନା ଚିହ୍ନିଥିଲ ? ଏକାଠି ରହିଲେ- ଏକାଠି ଚଳିଲେ ଜଣେ ଅନ୍ୟ ଜଣଙ୍କର ସ୍ୱଭାବ ଚରିତ୍ର ବୁଝିପାରେ ।”

Digitized by srujanika@gmail.com

ମୃଗ କୁଆ କଥା ନ ଶୁଣି ବିଲୁଆ ସହିତ ସାଙ୍ଗ ହେଲା । ତା କଥା ବିଶ୍ୱାସ କଲା ।

କେତେ ଦୂରରେ ଜଣେ କୃଷୀ ବାସ କରୁଥାଏ । ତା ବିଲରେ ନାନା ପ୍ରକାର ଫସଲ ହୁଏ ।

ଦିନେ ବିଲୁଆ କହିଲା—"ଭାଇ ମୃଗ, ମୁଁ ଦେଖିଛି, ଗୋଟିଏ ସ୍ଥାନରେ ଧାନ ଓ ଗହମ ଗଛ ବହୁତ ଅଛି । ଛନଛନିଆ କଅଁଳ ଗଛ । ଭାରି ମିଠା ଲାଗିବ । ମୋ ସାଂଗରେ ଆସ, ଆନନ୍ଦରେ ଖାଇବ ।"

ତା କଥାରେ ଭୁଲି ମୃଗ ସେ ସ୍ଥାନକୁ ଗଲା । ଫସଲ ଖାଇଲା ।

କୃଷୀ ତାହା ଦେଖି ମୃଗକୁ ଧରିବା ପାଇଁ ସେଠାରେ ଗୋଟିଏ ପାଶ ବିଛାଇଲା । ବିଲୁଆ ମନେ ମନେ ଖୁସି ହେଲା । ଭାବିଲା, କୃଷୀ ମୃଗକୁ ମାରି ମାଂସ ଖାଇବ । ଯେଉଁ ଅଂଶ ସବୁ ଫିଙ୍ଗି ଦେବ, ମୋ ପାଇଁ ତାହା ଯଥେଷ୍ଟ । ତିନି ଦିନ ସେଥିରେ ମୋର ସୁଖରେ କଟିଯିବ ।

ସେ ଦିନ ମଧ୍ୟ ବିଲୁଆ ମୃଗକୁ ଫୁସୁଲାଇ ସେଠାକୁ ଡାକି ଆଣିଲା । ମୃଗର ତ ମନ ଲାଗିଛି । ସେ ଖୁସିରେ ଚରିବାକୁ ଆସିଲା । ବିଲରେ ପାଦ ଦେଉ ଦେଉ ପାଶରେ ଗୋଡ଼ ଛନ୍ଦି ହୋଇଗଲା । ସେ ଆଉ ପାଦ ଉଠାଇ ପାରିଲା ନାହିଁ । ବିଲୁଆକୁ ଡାକି କହିଲା "ବନ୍ଧୁ ବିଲୁଆ, ଦାନ୍ତରେ କାମୁଡ଼ି ଏ ପାଶକୁ ଛିଡ଼ାଇ ଦିଅ । ମୁଁ ପଳାଇ ଯିବି ।"

ଦୁଷ୍ଟ ବିଲୁଆ ଉତ୍ତର ଦେଲା—"ଭାଇ, ପାଶଟା ଚମଡ଼ାରେ ତିଆରି । ଆଜି ଏକାଦଶୀ । ମୁଁ ଚମଡ଼ା ଦାନ୍ତରେ ଛୁଇଁବି ନାହିଁ । କାଲିଯାଏ ଅପେକ୍ଷା କର ।

Digitized by srujanika@gmail.com



ସେ ଜାଣେ, କାଲି ଚାଷୀ ଆସି ତାକୁ ପିଟି ପିଟି ମାରି ପକାଇବ । ମାଂସ କାଟି ଖଣ୍ଡ ଖଣ୍ଡ କରିବ ।



ମୃଗ ବିଚାରି କରମ ଆଦରି ବନ୍ଧନରେ ପଡ଼ି ରହିଲା ।

ଦିନ ଗଡ଼ିଗଲା । ସନ୍ଧ୍ୟା ହେଲା । କୁଆ ଦେଖିଲା, ତା ବନ୍ଧୁ ମୃଗ ଫେରି ନାହିଁ । ସେ ଉଡ଼ିବୁଲି ତାକୁ ଖୋଜିଲା । ଫସଲ କିଆରୀରେ ସେ ବନ୍ଧା

Digitized by srujanika@gmail.com

ହୋଇ ପଡ଼ିଥିବା ଦେଖି ଦୁଃଖିତ ହେଲା । ମୃଗ ମୁହଁ ପାଖରେ ବସି ତାକୁ କହିଲା—"ମୁଁ ଉପରେ ବସିଛି । ଚାଷୀ ଏଠାକୁ ଆସିବାର ଦେଖିଲେ କା କା ବୋବାଇବ । ସେତେବେଳେ ତୁମେ ମଲା ପରି ପଡ଼ି ରହିବ । ନିଃଶ୍ୱାସ ପ୍ରଶ୍ୱାସ ନେବ ନାହିଁ କି ହଲଚଲ ହେବ ନାହିଁ । ତୁମ ମୁଣ୍ଡରେ ବସି ମୁଁ ମିଛରେ



ତୁମ ଆଖିକୁ ଖୁମ୍ପିବ । ଚାଷୀ ଜାଣିବ ଯେ ତୁମେ ମରିଯାଇଛ । ସେ ଫାଶ ଦଉଡ଼ି ଫିଟାଇବ । ସେତେବେଳେ ତୁମେ ଡିଆଁ ମାରି ଏଠାରୁ ପଳାଇଯିବ ।"

Digitized by srujanika@gmail.com

ରାତି ପାହିଲା । ଚାଷୀ ଗୋଟିଏ ବଡ଼ ଠେଙ୍ଗା ବାଡ଼ି ଧରି ବିଲକୁ ଆସିଲା । ଦେଖିଲା, ମୃଗ ମରିଯାଇଛି । ତା ପେଟ ଫୁଲିଛି । ଗୋଟାଏ କାଉ ତା ଆଖିକୁ ଥଣ୍ଟରେ ଖୁମ୍ପୁଛି ।

ଚାଷୀକୁ ଦେଖି କୁଆ ଉଡ଼ିଗଲା । ମଲା ମୃଗ ତ ଆଉ ପଳାଇ ଯିବ ନାହିଁ । ଏହା ଭାବି ସେ ପାଶ ଦଉଡ଼ା ଫିଟାଇଦେଲା । ପାଦରୁ ବନ୍ଧନ ଫିଟି ଯିବା ସାଂଗେ ସାଂଗେ ଆଖି ପିଛୁଳାକେ ମୃଗ ଉଠି ଡ଼ିଆଁ ମାରି ପଳାଇ ଗଲା ।

ଚାଷୀ ରାଗରେ ତା ଠେଙ୍ଗା ଫିଙ୍ଗିଲା ମୃଗ ଉପରକୁ । ମୃଗ ତ ଦୂରକୁ ଚାଲି ଯାଇଥିଲା । ତା ପଛରେ ଦଉଡ଼ୁଥିବା ବିଲୁଆ ଦେହରେ ସେ ଠେଙ୍ଗା ମାଡ଼ ବସିଲା । ଦୁଷ୍ଟ ବିଲୁଆ ସେହିଠାରେ ଛଟପଟ ହୋଇ ମରିଗଲା ।

* * *



Digitized by srujanika@gmail.com

ଜରଦ୍‌ଗବ ଶାଗୁଣା ଓ ବିଲେଇ

କପଟୀ ବିଲୁଆ ଠେଂଗା ମାଡରେ ମଲା । ଦୁଇବନ୍ଧୁ କୁଆ ଓ ମୃଗ ଆନନ୍ଦରେ ନିଜ ରହିବା ସ୍ଥାନକୁ ଫେରିଲେ । ସେତେବେଳେ କୁଆ କହିଲା— "ବନ୍ଧୁ, ମୁଁ ମନା କରୁଥିଲି । ବିଲୁଆକୁ ବିଶ୍ୱାସ କରି ତୁମେ ପାଖରେ ରଖିଲ । ତା'ର ଫଳରେ ବନ୍ଧନ ଦଶା ଭୋଗ କଲ ।"

ମୃଗ କହିଲା—"କପଟୀ ବିଲୁଆ କପଟ କରିବାରୁ ତା ଫଳ ପାଇଲା । ଅସମୟରେ ମଲା । ଶାସ୍ତ୍ରରେ ତ ଅଛି, ପରର ଯେ ଚିନ୍ତଇ ମନ୍ଦ । ତା ମନ୍ଦ ଚିନ୍ତନ୍ତି ଗୋବିନ୍ଦ ।"

"ସବୁ ସମୟରେ କପଟୀ ମରେ ନାହିଁ । ତାକୁ ଯେ ଆଶ୍ରୟ ଦେଇଥାଏ, ସେ ମରେ । କପଟୀ ଖୁସିରେ ରହେ । ଯେପରି ଜରଦ୍‌ଗବ ଶାଗୁଣା ବିଶ୍ୱାସ କରି ମଲା, ଅଥଚ କପଟୀ ବିଲେଇ ଖୁସିରେ ରହିଲା ।" କୁଆ କହିଲା ।

ମୃଗ ପଚାରିଲା—"ମୁଁ ତାହା ଜାଣି ନାହିଁ । କହ ଶୁଣିବି ।"

ଶାଗୁଣା ଓ ବିଲେଇ କାହାଣୀ କୁଆ ଆରମ୍ଭ କଲା ।

ପବିତ୍ର ଗଂଗା ନଦୀ କୂଳରେ ଗୋଟିଏ ବଡ଼ ଜଂଗଲ ଥିଲା । ତା'ର ନାମ ଗୃଧ୍ରକୂଟ । ସେହି ଜଂଗଲର ଗୋଟିଏ ଅତି ପୁରୁଣା ବଡ଼ ବରଗଛ । ସେ ଗଛରେ ବସା ବାନ୍ଧି ରହିଥାନ୍ତି ଅନେକ ଜାତିର ଚଢେଇ । ସମସ୍ତେ ଏକା କୁଟୁମ୍ବ ଭଳି ମିଳି ମିଶି ଚଳନ୍ତି ।

ସେହି ଗଛ କୋରଡ଼ରେ ଗୋଟିଏ ଅତି ବୁଢ଼ା ଶାଗୁଣା ରହୁଥିଲା । ତା ନଖ, ଅଣ୍ଟ ଦନ୍ତୁର ହୋଇଗଲାଣି । ଆଖିକୁ ଭଲ ଦିଶୁ ନାହିଁ । ସେହି

Digitized by srujanika@gmail.com

କାରଣରୁ ନିଜ ଖାଦ୍ୟ ସେ ସଂଗ୍ରହ କରି ପାରୁ ନ ଥିଲା । କେବଳ ଉପାସରେ କୋରଡ଼ ଭିତରେ ପଡ଼ିରହେ ।

ଗଛରେ ବସା କରି ରହିଥିବା ଅନ୍ୟ ଚଢ଼େଇ ସବୁ ତାକୁ ଦୟା କଲେ । କହିଲେ—"ଦିନଯାକ ଆମେ ବାହାରକୁ ଯାଉଛୁ ଖାଇବା ପାଇଁ । ପୁଣି ଆମ ପିଲାମାନଙ୍କ ପାଇଁ ଆହାର ଖୋଜି ଆଣୁଛୁ । ତୁମେ ସବୁବେଳେ ଗଛମୂଳେ ବସି ରହ । ଆମ ଛୁଆଙ୍କୁ ଯେପରି କେହି ଆସି ଖାଇ ନ ଯାଆନ୍ତି । ଆମର ଏତିକି ଉପକାର କର, ପ୍ରତିଦିନ ଆମେ ଖାଦ୍ୟ ଆଣି ତୁମକୁ ଯୋଗାଇବୁ ।

ଜରଦ୍‌ଗବ ଖୁସିରେ ଏ କଥାରେ ରାଜି ହେଲା ।

ସେହିଦିନ ଠାରୁ ଚଢ଼େଇମାନେ ନିଶ୍ଚିନ୍ତରେ ପଦାକୁ ଗଲେ ଖାଦ୍ୟ ସଂଗ୍ରହ ପାଇଁ । ଜରଦ୍‌ଗବ କୋରଡ ଛାଡ଼ି ଗଛ ମୂଳରେ ବସି ରହିଲା । ଗଛ ଉପରେ ଚଢ଼ିବାକୁ କାହାକୁ ଛାଡ଼ି ଦେଲା ନାହିଁ ।

କିଛି ଦିନ ପରେ ଗୋଟାଏ ଭୂଆଁ ବିରାଡ଼ି ସେଠାକୁ ଆସିଲା । ଦେଖିଲା, ଗଛ ଉପରେ ବହୁତ ଚଢ଼େଇଙ୍କ ବସା । ଚଢ଼େଇ, ସେମାନଙ୍କ ଛୁଆ, ଅଣ୍ଡା ଖାଇବା ପାଇଁ ତା'ର ଲୋଭ ହେଲା । ଜିଭରୁ ଲାଳ ଗଡ଼ିଲା ।

ସେ ଗଛ ପାଖକୁ ଯିବାରୁ ଜରଦ୍‌ଗବ ତାକୁ ପଚାରିଲା—"ତୁ କିଏ ? ଏଠାକୁ ଆସିଛୁ କାହିଁକି ? ଗଛ ଉପରକୁ ଚଢ ନାହିଁ । ଚଢ଼ିଲେ ତୋତେ ମାରି ପକାଇବି ।"

ବିରାଡ଼ି ଅତି ବିନୟରେ କହିଲା—"ମୁଁ ଏ ବଣର ଗୋଟିଏ ବିରାଡ଼ି । ମୋ ନାମ କରତ୍‌କର୍ମା । ଗଛ ଉପରକୁ ଯିବା ପାଇଁ ମୁଁ ଆସି ନାହିଁ । ଆସିଛି ତୁମ ପାଦ ତଳେ ବସି ଧର୍ମ କଥା ଶୁଣିବାକୁ । ତୁମେ ଅତି ବୃଦ୍ଧ ପୁଣି ଜ୍ଞାନୀ । ତୁମ

Digitized by srujanika@gmail.com

ଶ୍ରୀମୁଖରୁ ଧର୍ମ କଥା ଶୁଣିଲେ, ମୋର ପୂର୍ବର ସମସ୍ତ ପାପ ଦୂର ହୋଇଯିବ । ବୁଦ୍ଧ ମୋତେ ତୁମ ପାଖକୁ ପଠାଇବନ୍ତୁ ।"

ଜରଦ୍‌ଗବ କହିଲା "ବିଲେଇମାନେ ମାଂସାଶୀ, ବଡ଼ ହିଂସ୍ର । ଏଠାରେ ବହୁତ ଚଢ଼େଇ ଅଛନ୍ତି । ତୁମେ ସେମାନଙ୍କୁ ମାରି ଖାଇ ପକାଇବ । ସେଇଥି ପାଇଁ ଏଠାକୁ ନ ଆସିବାକୁ କହୁଛି ।"

Digitized by srujanika@gmail.com

କରଡ଼କର୍ମା ନିଜ ଜିଭ କାମୁଡ଼ି ପକାଇ କହିଲା– "ହରି ହରି, ଏ ପାପ କଥା ଆଉ କହନ୍ତୁ ନାହିଁ । ଗୁରୁଙ୍କ ଆଜ୍ଞାରେ ବର୍ଷେ ହେଲା ମୁଁ ଅନଶନ କରୁଅଛି । ସବୁବେଳେ ପୁରାଣ ଶାସ୍ତ୍ର ପଢ଼ୁଛି । ଶୁଣିଲି, ତୁମ ପରି ଧାର୍ମିକ ଓ ପଣ୍ଡିତ ଏ ସାରା ଦୁନିଆରେ କେହି ନାହାନ୍ତି । ବେଶୀ ଦିନ ନୁହେଁ, କେବଳ ଗୋଟିଏ ମାସ ଆପଣଙ୍କ ପାଦତଳେ ବସି ଧର୍ମବାଣୀ ଶୁଣିବି । ତା' ପରେ ଗୁରୁ ଆଶ୍ରମକୁ ଚାଲିଯିବି ।"

ଅଜ୍ଞାନୀ, ମୂଢ଼ ବ୍ୟକ୍ତିମାନେ ନିଜର ପ୍ରଶଂସା ଶୁଣିଲେ ସବୁ ଭୁଲି ଯାଆନ୍ତି । କରଡ଼କର୍ମାର ଖୁସାମଦିଆ କଥାରେ ଜରଦ୍‌ଗବ ମୋହିତ ହୋଇଗଲା । ତାକୁ ପାଖରେ ଆଶ୍ରୟ ଦେଲା ।

ଜରଦ୍‌ଗବ ତ ଅତି ବୃଦ୍ଧ । ପୁଣି ଆଖିକୁ ଭଲ ଦେଖାଯାଏ ନାହିଁ । ବସି ବସି କ୍ଲାନ୍ତ ବୋଧ କଲେ ଟିକିଏ ଢୁଲାଇ ପଡ଼େ । ବେଳେ ବେଳେ ଗାଢ଼ ନିଦରେ ଶୋଇଯାଏ ।

କରଡ଼କର୍ମା ସେହି ସୁଯୋଗରେ ଗଛ ଉପରକୁ ଉଠିଯାଏ । ବସାରୁ ଗୋଟାଏ ଦୁଇଟା ଛୁଆ କାମୁଡ଼ି ଧରି ଜରଦ୍‌ଗବ କୋରଡ଼କୁ ଆସେ । ସେହିଠାରେ ବସି ଆନନ୍ଦରେ ଖାଏ ।

ସଂଧ୍ୟାରେ ମା ଚଢ଼େଇମାନେ ଫେରି ଦେଖନ୍ତି, ବସାରେ ଗୋଟାଏ ଦୁଇଟା ଛୁଆ ନାହାନ୍ତି । ସେମାନେ ଭାବନ୍ତି, ବୋଧହୁଏ ତଳେ ଖସି ପଡ଼ିଛନ୍ତି ।

ପ୍ରତିଦିନ କୌଣସି ନା କୌଣସି ବସାରୁ ଛୁଆ ଏହିପରି ହରଣଚାଲ ହେଲେ । କ୍ରମେ ଚଢ଼େଇମାନଙ୍କ ମନରେ ସନ୍ଦେହ ହେଲା । ସେମାନେ ଗଛ ତଳ ଓ ଗଛର ସବୁ ଡାଳ ବୁଲି ଛୁଆକୁ ଖୋଜିଲେ ।

ଦୁଷ୍ଟ ବିଲେଇ ଏହା ଜାଣି ପାରିଲା । ସେ ଲୁଚି ସେଠାରୁ ପଳାଇ ଗଲା ।

Digitized by srujanika@gmail.com

ଚଢ଼େଇମାନେ ଚାରିଆଡ଼ ଖୋଜି ଜରଦ୍‌ଗବ ରହୁଥିବା କୋରଡ଼କୁ ଆସିଲେ । ସେଠାରେ ଦେଖିଲେ, ବହୁତ ପର, ହାଡ଼, ଅଣ୍ଟ ପଡ଼ିଛି । ସେମାନେ ଭାବିଲେ, ଆମେ ବସାରୁ ଚାଲିଗଲା ପରେ ଜରଦ୍‌ଗବ ଆମ ଛୁଆମାନଙ୍କୁ ଆଣି ଖାଇ ଯାଇଛି । ସବୁ ଚଢ଼େଇ ମିଶି ତାକୁ ଖୁମ୍ପି ଖୁମ୍ପି ମାରି ପକାଇଲେ ।

ଜରଦ୍‌ଗବର କିଛି ଦୋଷ ନ ଥିଲା । ଅଥଚ ସେ ମଲା । ଆଗରୁ ଅଜଣା ଅଶୁଣା କରିତ୍‌ କର୍ମା ବିଲେଇ ଲାଗି । ସେହିପରି ତୁମ ଯୋଗେ ଆମର ଯେ ମୃତ୍ୟୁ ନ ହେବ, ତାହା କିଏ କହିବ ।

ମୂଷିକରାଜ ହିରଣ୍ୟକଠାରୁ ଏ ସମସ୍ତ କାହାଣୀ ଶୁଣି ଲଘୁପତନକ କାକ କହିଲେ—"ତୁମର ଏ କାହାଣୀ ଓ ନୀତି କଥାରୁ ମୁଁ ବୁଝୁଛି, ତମେ କେତେ ବଡ଼ ଜ୍ଞାନୀ ଓ ପଣ୍ଡିତ । ତୁମ ସହିତ ବନ୍ଧୁ ହେବା ପାଇଁ ମୋ ମନ ଆତୁର ବ୍ୟାକୁଳ ହୋଇଉଠୁଛି । ମୁଁ ତ ଏଠାରେ ଏକା । ତୁମେ ତୁମର ପ୍ରଜା ମିଶି ହଜାରେ ଅଛ । ମୋ ଠାରୁ ଯେତେବେଳେ କୌଣସି ବିପଦର ଆଶଙ୍କା କରିବ, ତେବେ ସମସ୍ତେ ମିଶି ମୋତେ ମାରିଦେଇ ପାରିବ । ଯେପରି ବହୁଳଲାଞ୍ଜ ଶୃଗାଳକୁ କଙ୍କଡ଼ାମାନେ ମୁହୂର୍ତ୍ତକ ମଧ୍ୟରେ ମାରି ପକାଇଥିଲେ ।

ଗାତ ଭିତରେ ରହି ମୂଷିକରାଜ ପଚାରିଲେ —"ବହୁଳଲାଞ୍ଜ ଶୃଗାଳ କିଏ । ତାକୁ କଙ୍କଡ଼ାମାନେ ମାରିଲେ କାହିଁକି ? କଙ୍କଡ଼ା ତ ଶୃଗାଳମାନଙ୍କର ଖାଦ୍ୟ । ସେଇ ଖାଦ୍ୟମାନଙ୍କ ହାତରେ ସେ ମଲା କିପରି ?"

ଲଘୁପତନକ କାକ ଗାତ ମୁହଁରେ ବସି ଶୃଗାଳ ଓ କଙ୍କଡ଼ାମାନଙ୍କ କାହାଣୀ ବର୍ଣ୍ଣନା କଲେ ।

* * *

Digitized by srujanika@gmail.com

କପଟୀ ଶୃଗାଳ ଓ କଙ୍କଡ଼ା ଉପାଖ୍ୟାନ

କାକ ଲଘୁପତନକ ବହଳଲାଞ୍ଜ ଶୃଗାଳ ଓ କଙ୍କଡ଼ାମାନଙ୍କ ଗପ ହିରଣ୍ୟକଙ୍କୁ ଶୁଣାଇଲେ ।

ଘୋର ଜଙ୍ଗଲ ଭିତରେ ଗୋଟାଏ ଅତି ବଡ଼ ପୋଖରୀ ଥିଲା । ପୋଖରୀଟିରେ ପୁରୁଣା ପଙ୍କ ବହୁତ, ପୁଣି ଦଳ ବୋରଝାଙ୍କି ପୂର ରହିଥାଏ ।

ସେହି ପୋଖରୀ କୂଳରେ ବହୁତ କଙ୍କଡ଼ା ଗାତ କରି ରହିଥାଆନ୍ତି । ସେମାନଙ୍କ ସର୍ଦ୍ଦାର ଗୋଟିଏ ବଡ଼ କଙ୍କଡ଼ା, ତାହାର ନାମ ଦଶପାଦ ।

ବଣ ଭିତରେ ଗୋଟିଏ ବିଲୁଆ ରହୁଥିଲା । ସେ ବଡ଼ କପଟୀ ଓ ଦୁଷ୍ଟ ପ୍ରକୃତିର । ନାନା ଛଳନା କରି ଜୀବଜନ୍ତୁ ମାରୁଥିଲା । ତା ନାମ ଦିଆ ଯାଇଥିଲା ବହଳଲାଞ୍ଜ ଶୃଗାଳ । ଛୋଟ ଛୋଟ ଜୀବଜନ୍ତୁମାନେ ତାକୁ ଦୂରରୁ ଦେଖିଲେ କି ତା ନାମ ଶୁଣିଲେ ଡରି ପଳାଇ ଯାଉଥିଲେ । ଅତି ଗୋପନ ସ୍ଥାନରେ ଲୁଚି ରହୁଥିଲେ ।

କପଟୀ ଶୃଗାଳ ଦେଖିଲା, ପୋଖରୀ କୂଳରେ ବହୁତ କଙ୍କଡ଼ା ଗାତ । କଙ୍କଡ଼ାମାନଙ୍କୁ ଖାଇବା ପାଇଁ ତାର ଲୋଭ ହେଲା । କପଟୀ ପୁଣି ଲୋଭୀ, ମନରେ ତ ସବୁବେଳେ ମନ୍ଦ ବୁଦ୍ଧି ଖେଳୁଥାଏ ।

ଶୃଗାଳ ଆସି ପୋଖରୀକୂଳର ସେହି କଙ୍କଡ଼ା ଗାତ ପାଖରେ ବସି ରହିଲା । ତିନି ଗୋଡ଼ ଟେକିରଖି ଗୋଟିଏ ଗୋଡ଼ରେ ଠିଆ ହୋଇ ରହିଲା । ସୂର୍ଯ୍ୟ ଆଡ଼କୁ ମୁହଁ ପାଟି ମେଲା କରିଥାଏ ।

କପଟୀ ଶୃଗାଳକୁ ଦେଖି କଙ୍କଡ଼ା ସବୁ ଗାତ ଭିତରୁ ପଦାକୁ ବାହାରିଲେ ନାହିଁ ।

Digitized by srujanika@gmail.com

ଦିନକ ପରେ କଙ୍କଡ଼ା ସର୍ଦ୍ଦାର ଦଶପାଦ ଗାତ ମୁହଁ ପାଖରେ ରହି ପଚାରିଲା,—"କହୋ ବହଲଲାଞ୍ଜ, ଦୁଇଦିନ ହେଲା ଏଠାରେ ଏପରି ଠିଆ ହୋଇ ରହିଛ କାହିଁକି ?"

ବହଲଲାଞ୍ଜ ଉତ୍ତର ଦେଲା, "ଏଠାରେ ମୁଁ ତପସ୍ୟା କରୁଛି, ଆଗରୁ ଜୀବ ବଧ କରି ବହୁତ ପାପ କରିଅଛି । ସେଥିରୁ ମୁକ୍ତ ହେବା ପାଇଁ ମୋର ଏ କଠୋର ତପସ୍ୟା ।"

"ତୁମେ ଏଠାରେ ଥିବା ପର୍ଯ୍ୟନ୍ତ, ଆମେ ଗାତରୁ ବାହାରି ପାରିବୁ ନାହିଁ । ଆମ ଖାଦ୍ୟ ଯୋଗାଡ଼ କରିବୁ କିପରି ?" କଙ୍କଡ଼ା ସର୍ଦ୍ଦାର ପଚାରିଲା ।

ଧୂର୍ତ୍ତ ଶୃଗାଳ ତା ଦୁଇ ଗୋଡ଼ରେ ଦୁଇ କାନକୁ ଧରି କହିଲା, "ଗୁରୁଦେବଙ୍କ ଆଦେଶରେ ଆଖିବୁଜି ମୁଁ ତପସ୍ୟା କରୁଛି । ପୋଖରୀର ଏ ପାଖଟା ଅତି ପବିତ୍ର ସ୍ଥାନ । ଏହିଠାରେ ତପସ୍ୟା କଲେ ମାସକ ଭିତରେ ମୁଁ ସିଦ୍ଧିଲାଭ କରିବି । ପୂର୍ବର ସମସ୍ତ ପାପରୁ ମୁକ୍ତି ପାଇବି ।"

ସର୍ଦ୍ଦାର ପୁଣି ପଚାରିଲା, "ସୂର୍ଯ୍ୟଙ୍କ ଆଡ଼କୁ ଚାହିଁ ପାଟି ମେଲାକରି ରହିଛ କାହିଁକି ?"

ଉତ୍ତର ମିଳିଲା, "ଏ ମାସକଯାକ ମୁଁ କୌଣସି ଖାଦ୍ୟ ଖାଇବି ନାହିଁ । ତେଣୁ ସୂର୍ଯ୍ୟକିରଣ ଓ ପବନ ଖାଇ ବଞ୍ଚି ରହିବା ପାଇଁ ଏପରି ଆଁ କରି ରହିଛି । ନହେଲେ ପାଟିରେ କିଛି ଖାଦ୍ୟ ପୂରାଇବି ନାହିଁ ।"

"ଗୋଟିଏ ଗୋଡ଼ରେ ଠିଆ ହୋଇ ରହିଛ କାହିଁକି ? କଷ୍ଟ ତ ହେଉଥିବ ।" କଙ୍କଡ଼ା ସର୍ଦ୍ଦାରର ପୁଣି ପ୍ରଶ୍ନ ।

ଶୃଗାଳ କହିଲା, "ମଣିଷମାନେ କହନ୍ତି, କଷ୍ଟ ନ କଲେ କୃଷ୍ଣ ମିଳନ୍ତି ନାହିଁ । ତା' ଅର୍ଥ କଷ୍ଟ ନ ସହିଲେ ମୁଁ ପାପରୁ ତ୍ରାହି ପାଇବି ନାହିଁ । କାହାରିକୁ

Digitized by srujanika@gmail.com

କୌଣସି ପ୍ରକାର ଦୁଃଖ ନ ଦେବା ମୋର ବ୍ରତ । ଚାରିଗୋଡ଼ଯାକ ଭୂଇଁ ଉପରେ ରଖିଲେ ପୃଥିବୀକୁ ବାଧା ହେବ । ସେଇଥିପାଇଁ ତିନିଗୋଡ଼ ଉପରକୁ ଟେକି ଠିଆ ହୋଇଛି ।”



କଙ୍କଡ଼ା ସର୍ଦ୍ଦାର ଭାବିଲା, ପ୍ରକୃତରେ ଏ ଜଣେ ସାଧୁ ବାବାଜୀ । ନିଜ ପ୍ରଜାମାନଙ୍କୁ କହିଲା, “ସମସ୍ତେ ନିର୍ଭୟରେ ଗାତରୁ ବାହାର । ପ୍ରତିଦିନ ଦୁଇବେଳା ବାବାଜୀଙ୍କ ସେବା କରିବ । ତାଙ୍କଠାରୁ ଶାସ୍ତ୍ର କଥା ଶୁଣିବ । କଥା ତ ଅଛି, ମୁହୂର୍ତ୍ତେ

Digitized by srujanika@gmail.com



ମାତ୍ର ସାଧୁ ପାଖରେ ବସିଲେ, ସାଧୁଙ୍କଠାରୁ ଉପଦେଶ ଶୁଣିଲେ ମନ ନିର୍ମଳ ହୋଇଯାଏ । ବହୁତ ପୁଣ୍ୟ ମିଳେ । ଦୁଃଖ ଶୋକ ଦୂର ହୋଇଯାଏ ।”

ସେହିଦିନୁ କଙ୍କଡ଼ାମାନେ ଗାତରୁ ବାହାରିଲେ । ବାବାଜୀଙ୍କ ଠିଆ ହେବା ସ୍ଥାନ ସଫା କରିଦେଲେ । କାଠି, କୁଟା, ଶୁଖିଲା ପତ୍ର ଯାହା ପଡ଼ିଥାଏ ତାକୁ ନେଇ ବାହାରେ ପକାଇଦେଲେ ।

କାମ ସାରି ସେମାନେ ଧାଡ଼ିବାନ୍ଧି ଫେରି ଯାଆନ୍ତି । ସବା ଶେଷରେ ଯେଉଁ କଙ୍କଡ଼ା ରହିଥାଏ, ଭଣ୍ଡ ଶୃଗାଳ ତାକୁ ମାଡ଼ି ବସି ଖାଏ । ଆଉ କେହି ଏହା ଜାଣି ପାରନ୍ତି ନାହିଁ ।

କେତେ ଦିନ ପରେ ସର୍ଦ୍ଦାର ଦେଖିଲା, ତା ପ୍ରଜାଙ୍କ ସଂଖ୍ୟା କମି କମି ଯାଉଛି । ଆଗେ ସବୁ ଗାତ ପୂରି ରହିଥିଲା, ଏବେ ବହୁତ ଗାତ ଖାଲି ।

ଶୃଗାଳ ଉପରେ ତା’ର ସନ୍ଦେହ ହେଲା । ସେ ଦିନ ସେ ଧାଡ଼ିର ପଛରେ ରହିଲା । ଚାରିଆଡ଼କୁ ଆଖି ରଖି ସାବଧାନରେ ଚାଲୁଥାଏ । ସବୁ କଙ୍କଡ଼ା ଆଗରେ ଚାଲିଯିବାରୁ ଶୃଗାଳ ତାକୁ ଧରିବାକୁ ଗୋଡ଼ ବଢ଼ାଇଲା । କୌଶଳକ୍ରମେ ସର୍ଦ୍ଦାର ପାଦ ତଳୁ ଖସିଯାଇ ଅନ୍ୟ କଙ୍କଡ଼ାମାନଙ୍କୁ ଡାକ ପକାଇଲା । କହିଲା—“ଏ ଭଣ୍ଡ ବାବାଜୀ । କପଟରେ ଆମ ଭିତରୁ ବହୁତ କଙ୍କଡ଼ା ଖାଇଛି । ତା’ର ପ୍ରତିଶୋଧ ନିଅ ।”

କଙ୍କଡ଼ାମାନେ ଚାରିଆଡ଼ୁ ଘେରି ଗଲେ । ସେମାନଙ୍କର ବଡ଼ ଗୋଡ଼ ଦୁଇଟା ତ ଲୁହା କରତ ଭଳି ଭାରି ଟାଣ ଓ ଧାରୁଆ । ସେଇ ଗୋଡ଼ରେ ଶୃଗାଳକୁ କାଟି ପକାଇଲେ ।

କାହାଣୀ କହି ସାରି ଲଘୁପତନକ କହିଲେ—“ଭାଇ ହିରଣ୍ୟକ ଯଦି ମୋ ମନରେ କିଛି କପଟ ଅଛି ବୋଲି ଜାଣିବ, ତେବେ କପଟୀ ଶୃଗାଳ ପରି ମୋତେ ମାରି ପକାଇବ । ମୁଁ ମରିବ ପଛକେ, ଜୀଅନ୍ତାରେ ତୁମ ସାଙ୍ଗ ଛାଡ଼ି କୁଆଡ଼େ ଯିବ ନାହିଁ ।”

❋ ❋ ❋

Digitized by srujanika@gmail.com

କାଉ ଓ ମୂଷା ବନ୍ଧୁ ହେଲେ

ପଣ୍ଡିତ ବିଷ୍ଣୁଶର୍ମାଙ୍କଠାରୁ ଗପ ଶୁଣି ରାଜପୁତ୍ରମାନେ ଏ କେତେ ଦିନ ଭିତରେ ବେଶ ଭଦ୍ର ହୋଇ ଗଲେଣି । ସେମାନଙ୍କର ଆଉ ଆଗର ଚଗଲାମି ନାହିଁ । ଧୀର, ଶାନ୍ତ ଓ ଶିଷ୍ଟ । ବାହାରେ ବୁଲି ଆଉ ଅସନା ହେଉ ନାହାନ୍ତି କି ପିଲାମାନଙ୍କୁ ମାରଧର କରୁ ନାହାନ୍ତି । ସେମାନଙ୍କ ଅତ୍ୟାଚାର ବନ୍ଦ ହୋଇଯିବାରୁ ପ୍ରଜାମାନେ ଆଉ ଆପତ୍ତି କରିବାକୁ ଆସୁ ନାହାନ୍ତି । ପିଲାମାନଙ୍କ ସ୍ୱଭାବ ଚରିତ୍ର ବଦଳିବା ଦେଖି ରାଜା ଖୁବ୍ ଖୁସି ହେଲେ । ପଣ୍ଡିତଙ୍କୁ ଡାକି ପ୍ରଶଂସା କଲେ ଓ ପୁରସ୍କାର ଦେଲେ ।

ସେ ଦିନ ପଣ୍ଡିତେ ଆସିଯିବା ମାତ୍ରକେ ପିଲାମାନେ ବସିବା ସ୍ଥାନରୁ ଉଠି ଠିଆ ହେଲେ । ଭକ୍ତିର ସହିତ ପ୍ରଣତି ଜଣାଇଲେ । ପଣ୍ଡିତେ ବସିବା ପାଇଁ କହିବାରୁ ବସିଲେ । ତାହା ପରେ ପଚାରିଲେ—"ମହାଶୟ, ହିରଣ୍ୟକ ଓ ଲଘୁପତନକ କିଅଣ ବନ୍ଧୁ ହେଲେ ?"

ପଣ୍ଡିତେ ହସି ହସି କହିଲେ—"ହିଁ, ସେହି କଥା କହୁଚି ଶୁଣ ।"

ସେ ଗପ ଆରମ୍ଭ କଲେ—

ଲଘୁପତନକଙ୍କ କାହାଣୀ ଶେଷ ହେବା ପରେ ହିରଣ୍ୟକ କହିଲେ—"ବନ୍ଧୁ, ତୁମ କଥାରୁ ବୁଝି ପାରୁଛି, ତୁମେ ମଧ୍ୟ ଜଣେ ଜ୍ଞାନୀ, ବହୁ ଶାସ୍ତ୍ର ଜାଣିଛ । ପୂର୍ବରୁ କଥା ଅଛି, ଜ୍ଞାନୀ ଓ ବିଦ୍ୱାନ ଲୋକଙ୍କ ସହିତ ମିଶିଲେ ନିଜର ଜ୍ଞାନ ବଢେ । ସେଇଥିପାଇଁ ମୁଁ ତୁମ ସହିତ ମିଶିବାକୁ ଚାହୁଁଛି ।"

ତଥାପି କାକ ପ୍ରତି ତାଙ୍କର ପୂରା ବିଶ୍ୱାସ ହୋଇ ନ ଥାନ୍ତା । ଅଧିକ ଅଧିକ ପରୀକ୍ଷା କରିବା ପାଇଁ ସେ କହିଲେ—"ଏ ଗାତ ଭିତରେ ରହି ରହି ବିରକ୍ତ

Digitized by srujanika@gmail.com



ଲାଗିଲଣି । ଏଠାରେ ଶୀତ ମଧ୍ୟ ବହୁତ ହେଉଛି । ମୁଁ ଉପରକୁ ଯିବ । କିଛି ସମୟ ତୁମ ଡେଣାତଳେ ବିଶ୍ରାମ ନେବ । ସେଇ ଛାଇରେ ଖରା ତାତରୁ ରକ୍ଷା ମିଳିବ ।"

ଲଘୁପତନକ ଖୁସିରେ ରାଜି ହେଲେ । ହିରଣ୍ୟକ ଉପରକୁ ଆସି ତାଙ୍କ ଡେଣା ତଳେ ବସିଲେ । ବନ୍ଧୁଙ୍କୁ ଯେପରି କଷ୍ଟ ନ ହେବ, କାକ ଡେଣା ମେଲାଇ ଦେଲେ ।

ହିରଣ୍ୟକ ଭାବୁଥା'ନ୍ତି, କୌଣସି ବିପଦର ଆଶଙ୍କା ପାଇଲେ, କାକର ପୁଚ୍ଛ ବାଟେ ଗାତକୁ ପଳାଇ ଯିବ । ତା ହେଲେ ସେ ମୋର କିଛି କ୍ଷତି କରିପାରିବ ନାହିଁ ।

ଲଘୁପତନକ ବନ୍ଧୁଙ୍କୁ ପାଖରେ ପାଇ ଖୁସି ହେଲେ । କହିଲେ—"ପାରା-ମାନଙ୍କୁ ତୁମେ ଯେପରି ରକ୍ଷା କଲ, ତା ଦେଖି ମୁଁ ତୁମକୁ ଧନ୍ୟବାଦ ଦେଉଛି । ଚିତ୍ରଗ୍ରୀବ ଯେପରି ତୁମର ବନ୍ଧୁ, ମୋତେ ସେହିପରି ବନ୍ଧୁ ରୂପେ ଗ୍ରହଣ କର । ମୁଁ ବିପଦରେ ପଡ଼ିଲେ, ମୋ ପ୍ରାଣ ଯାଉ ପଛକେ ମୁଁ ତୁମକୁ ସାହାଯ୍ୟ କରିବ । ଶାସ୍ତ୍ରରେ ଅଛି, ଆପଦ ବିପଦରେ ଯେ ସାହାଯ୍ୟ କରେ ସେ ପ୍ରକୃତ ବନ୍ଧୁ

ଦୁଇ ବନ୍ଧୁ ବହୁ ସମୟ ଏକାଠି ବସି କଥାବାର୍ତ୍ତା ହେଲେ, ଶାସ୍ତ୍ର ଆଲୋଚନା କଲେ । ହିରଣ୍ୟକ ମନରେ ବିଶ୍ୱାସ ହେଲା ଯେ, ଲଘୁପତନକ କାକ ଅବିଶ୍ୱାସୀ ନୁହନ୍ତି କି କପଟୀ ନୁହନ୍ତି । ପ୍ରକୃତରେ ସେ ବନ୍ଧୁଯୋଗ୍ୟ ।

ପରଦିନ ସକାଳେ ଲଘୁପତନକ ଡାକି କହିଲେ—"ବନ୍ଧୁ ହିରଣ୍ୟକ, ଦୁଇ ଦିନ ହେଲା ମୁଁ ଏଠାରେ ବସିଅଛି । କିଛି ଖାଇ ନାହିଁ । ଭୋକ ହେଲାଣି । ଯାଉଛି ଅରଣ୍ୟକୁ କିଛି ଖାଦ୍ୟ ସଂଗ୍ରହ କରିବ । ଖୁବ୍ ଚଞ୍ଚଳ ଫେରି ଆସିବ । ତୁମ ସାଙ୍ଗ ଛାଡ଼ିବାକୁ ମନ ହେଉ ନାହିଁ ।"

Digitized by srujanika@gmail.com

ହିରଣ୍ୟକ ରାଜି ହେବାରୁ ସେ ଜଙ୍ଗଲକୁ ଉଡ଼ିଗଲେ । କିଛି ବାଟ ଯାଇ ଦେଖିଲେ—ବାଘ ମାରିଥିବା ଗୋଟିଏ ବଡ଼ ମଇଁଷି ପଡ଼ିଅଛି । ବାଘ ଖଣ୍ଡିଆ କରି କେତେକ ଅଂଶ ଖାଇଯାଇଛି ।

କାକ ସେଇ ମାଂସରୁ ମନ ବୋଧ କରି ଖାଇଲେ । ଆଉ କିଛି ଥଣ୍ଟରେ ଧରି ଅତିଶୀଘ୍ର ହିରଣ୍ୟକ ବାସସ୍ଥାନକୁ ଉଡ଼ି ଆସିଲେ । ତାଙ୍କୁ ଖାଇବାକୁ ଅନୁରୋଧ କଲେ ।

ହିରଣ୍ୟକ କହିଲେ—"ମୋର ହିକାରେ ପ୍ରଜା ଅଛନ୍ତି । ସମସ୍ତେ ନ ଖାଇଲେ ତ ମୁଁ ଖାଇବି ନାହିଁ । ଏତିକ ମାଂସ ସେମାନଙ୍କୁ ଅଣ୍ଟିବ ନାହିଁ ।"

ଏହା ଶୁଣି ଲଘୁପତନକ ପୁଣି ସେ ମାଂସ ପଡ଼ିଥିବା ସ୍ଥାନକୁ ଉଡ଼ିଗଲେ । ଆଉ କିଛି ମାଂସ ଆଣିଲେ । ଏହିପରି ଆଠ ଦଶ ଥରରେ ସେ ବହୁତ ମାଂସ ନେଇ ଆସିଲେ । ସବୁ ମୂଷା ତାହା ଆନନ୍ଦରେ ଖାଇଲେ ।

ହିରଣ୍ୟକ କହିଲେ—"ବନ୍ଧୁ, ପୂର୍ବପୁରୁଷେ କହିଛନ୍ତି, ଖାଣ୍ଟି ବନ୍ଧୁଙ୍କ ପରିଚୟ ମିଳେ ତିନୋଟି କାର୍ଯ୍ୟରେ । ମନରେ କୌଣସି କପଟ ନ ରଖି ସରଳ ଭାବରେ କଥାବାର୍ତ୍ତା କରିବା, ଖାଦ୍ୟ ପଦାର୍ଥ ଯୋଗାଇବା ଏବଂ ବିପଦ ସମୟରେ ସାହାଯ୍ୟ କରିବା । ତୁମେ ଆମକୁ ଖାଇବାକୁ ଦେଲ, ଆମେ ମଧ୍ୟ ତୁମକୁ କିଛି ଖାଇବାକୁ ଦେବୁ ।"

ଲଘୁପତନକ ଏ କଥାରେ ଖୁସି ହେଲେ । ମୂଷାମାନେ ଗାତ ଭିତରେ ଯାହା ଖାଦ୍ୟ ରଖିଥିଲେ, ତାହା ତାଙ୍କୁ ଖାଇବାକୁ ଦେଲେ ।

ଏହିପରି ହିରଣ୍ୟକ ଓ ଲଘୁପତନକ ମଧ୍ୟରେ ବନ୍ଧୁତା ବଢ଼ିଲା । ଶେଷକୁ ଏପରି ହେଲା ଯେ, ଜଣେ ଅନ୍ୟଜଣକୁ ମୁହୂର୍ତ୍ତେ ନ ଦେଖିଲେ ବ୍ୟସ୍ତ ହୋଇ ଉଠୁଥିଲେ ।

Digitized by srujanika@gmail.com

ଦିନେ ହିରଣ୍ୟକ ଦେଖିଲେ- ଲଘୁପତନକଙ୍କ ମୁହଁ ଶୁଖିଯାଇଛି । ଏହାର କାରଣ ପଚାରିବାରୁ ଉତ୍ତର ମିଳିଲା– "ଏ ଅଞ୍ଚଳରେ ଦୁର୍ଭିକ୍ଷ ପଡ଼ିଲାଣି । ବର୍ଷା ନ ହେବାରୁ ଫସଲ ସବୁ ମରିଗଲାଣି । ବଣ ଜଙ୍ଗଲର ଗଛ ଲତା ଶୁଖି ଗଲାଣି । ଆଉ ମୋତେ ଖାଇବାକୁ ମିଳିବ ନାହିଁ । ମୁଁ ବାଧ୍ୟ ହୋଇ ଏ ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଯିବି । ତୁମ ସହିତ ଆଉ ଦେଖା ହେବ ନାହିଁ । ଏଇ କଥା ଭାବି ବଡ଼ ଦୁଃଖ ଅନୁଭବ କରୁଛି । ତୁମ ପରି ବନ୍ଧୁ ସଙ୍ଗ ଛାଡ଼ି ଚାଲିଯିବାକୁ ଇଚ୍ଛା ହେଉ ନାହିଁ । ପୁଣି ନ ଗଲେ ଭୋକ ଉପାସରେ ମରିବାକୁ ହେବ ।"

ହିରଣ୍ୟକ ପଚାରିଲେ—"ତୁମେ କେଉଁ ଅଞ୍ଚଳକୁ ଯିବ ? ତୁମ ସାଙ୍ଗ ଛାଡ଼ିବାକୁ ମୋର ବି ମନ ହେଉ ନାହିଁ । ବର୍ଷା ନ ହେଲେ ପୃଥିବୀ ଯେପରି ଶୁଖିଲା ମରୁଭୂମି ହୋଇଯାଏ, ବନ୍ଧୁ ନ ଥିଲେ ମନ ବି ସେହିପରି ନୀରସ ଓ ଦୁଃଖପୂର୍ଣ୍ଣ ହୋଇଉଠେ ।"

ଲଘୁପତନକ କହିଲେ—"ମୁଁ ଯେଉଁଠାକୁ ଯିବି ବୋଲି ଭାବୁଛି, ତାହା ଏଠାରୁ ବହୁତ ଦୂର । ଦଣ୍ଡକାରଣ୍ୟରେ କର୍ପୂରଗୌର ନାମକ ଗୋଟିଏ ବଡ଼ ପୋଖରୀ ଅଛି । ତାର କୂଳରେ ମୋର ପୁରୁଣା ବନ୍ଧୁ ବାସ କରନ୍ତି । ସେ ଗୋଟିଏ ବଡ଼ କଇଁଛ । ତାଙ୍କ ନାମ ମନ୍ଥର । ମୁଁ ସିନା ଆକାଶରେ ଉଡ଼ିଯିବି । ତୁମେ ଏତେ ବାଟ ଯିବ କିପରି ?"

କିଛି ସମୟ ଭାବି ଲଘୁପତନକ ଉପାୟ ବତାଇଲେ "ତୁମେ ଯଦି ମୋ ପିଠିରେ ସାବଧାନରେ ବସି ରହିବ, ତେବେ ଆସ୍ତେ ଆସ୍ତେ ଉଡ଼ି ସେଠାରେ ପହଞ୍ଚି ଯିବା । ଆମ ଦୁଇବନ୍ଧୁଙ୍କୁ ଦେଖି ତୃତୀୟ ବନ୍ଧୁ ମନ୍ଥର ନିଶ୍ଚୟ ଖୁସି ହେବେ । ଆମକୁ ଆଦରରେ ଗ୍ରହଣ କରିବେ ।"

Digitized by srujanika@gmail.com

ହିରଣ୍ୟକ କହିଲେ—"ତୁମେ ସିନା ଏକା ଅଛ । ମୁଁ ତ ଏକୁଟିଆ ନାହିଁ । ମୋର ହଜାରେ ଅନୁଗତ ପ୍ରଜା ଅଛନ୍ତି । ସେମାନଙ୍କୁ ବିପଦରେ ପକାଇ ଚାଲିଯିବା ଠିକ୍ ନୁହେ । ଶାସ୍ତ୍ରରେ ଅଛି, ଯେଉଁ ରାଜା ପ୍ରଜାମାନଙ୍କ ସୁଖ ନ ଦେଖି ନିଜେ ସୁଖରେ ମାତି ରହେ, ସେ ରାଜା ହେବା ଯୋଗ୍ୟ ନୁହେ । ଯେଉଁ ମୁନିବ ପାଖ ଲୋକଙ୍କ ହିତ ନ ଦେଖେ, ସେପରି ହାକିମକୁ ଧିକ୍ । ତେଣୁ ଏଠାରେ ଖାଇବାକୁ ନ ପାଇ ମରିଯିବି ପଛକେ ଏମାନଙ୍କୁ ଛାଡ଼ି କୁଆଡ଼େ ଯାଇ ପାରିବି ନାହିଁ ।"

ଲଘୁପତନକ ତ ବିଚାରବନ୍ତ କୁଆ । ସେ ଚିନ୍ତା କରି ଉପାୟ ବତାଇ ଦେଲେ ।

"ତୁମେ ତୁମର ସମସ୍ତ ପ୍ରଜାଙ୍କ ସହ ଚାଲି ଚାଲି ଯିବ । ମୁଁ ଉପରେ ଉଡ଼ି ଉଡ଼ି ବାଟ କଢ଼ାଇ ନେବି । ବଣ ଜଙ୍ଗଲ ବାଟରେ ଗଲେ କିଛି ବିପଦ ପଡ଼ିବ ନାହିଁ । ବିପଦର ଆଶଙ୍କା ଦେଖିଲେ ମୁଁ କା କା ଡାକି ସାବଧାନ କରି ଦେବି । ତୁମେ ସମସ୍ତେ ସାବଧାନ ହୋଇ ଲୁଚିଯିବ । ମୁଁ ଏକୁଟିଆ ଉଡ଼ିଗଲେ ଦିନକେ ମଧ୍ୟରେ ସେଠାରେ ପହଞ୍ଚି ଯାଆନ୍ତି । ମାତ୍ର ତୁମମାନଙ୍କୁ ଜଗିରଖି ଯିବି । ତେଣୁ ସାତଦିନ ବିତିଯିବ ।"

ମୂଷିକରାଜ ହିରଣ୍ୟକ ଏଥିରେ ରାଜି ହେଲେ । ତାଙ୍କର ହଜାରେ ପ୍ରଜାଙ୍କ ସହିତ ମିଶି ଧୀରେ ବାଟ ଚାଲିଲେ । ଠିକ୍ ସେମାନଙ୍କ ମୁଣ୍ଡ ଉପରେ ଲଘୁପତନକ ଉଡ଼ୁ ଥାଆନ୍ତି ।

ବଣଜଙ୍ଗଲ ବାଟେ ଅତି ସାବଧାନରେ ଯାଉଥିବାରୁ ଦଣ୍ଡକାରଣ୍ୟରେ ପହଞ୍ଚିବାକୁ ସେମାନଙ୍କୁ ସାତ ଦିନ ଲାଗିଗଲା ।

* * *

Digitized by srujanika@gmail.com

ତିନି ବନ୍ଧୁ ଏକାଠି ହେଲେ

କର୍ପୂରଗୌର ପୋଖରୀ କୂଳ । କଇଁଚ ମନ୍ଥର ପାଣି ଭିତରୁ ଆସି ମାଟି ଉପରେ ଶୋଇଥା'ନ୍ତି । ସୂର୍ଯ୍ୟଙ୍କ କଅଁଳିଆ ଖରା ତାଙ୍କୁ ଆରାମ ଲାଗୁଥାଏ ।

ମନ୍ଥରଙ୍କ ମନ ବଡ଼ ଖରାପ । ଏଠାରେ ଏକୁଟିଆ ଦିନ କାଟୁଛନ୍ତି । ସାଙ୍ଗ ସାଥୀ କେହି ନାହାନ୍ତି କି ବନ୍ଧୁବାନ୍ଧବ ନାହିଁ । ମନ ଖୋଲି କଥାବାର୍ତ୍ତା କରିବାକୁ କେହି ନ ଥାନ୍ତି । ସେ ଭାବୁଥା'ନ୍ତି, ବନ୍ଧୁ, ସାଙ୍ଗ, ସାଥୀ କେହି ନ ଥିଲେ ଜୀବନ ବୃଥା । ଡାଳପତ୍ର ନ ଥିବା ଶୁଖିଲା ଅଁଣ୍ଡା ଗଛ ପରି । ସେ ବଞ୍ଚି ରହିବା ଅନର୍ଥକ ।

ଏହି ସମୟରେ ଉପରୁ କା କା ଶବ୍ଦ ଶୁଣାଗଲା । ଉପରକୁ ଚାହିଁ ଦେଖିଲେ ବନ୍ଧୁ ଲଘୁପତନକ । ଖୁସି ହୋଇଗଲେ । ଉଠିଯାଇ ପୁରୁଣା ବନ୍ଧୁଙ୍କୁ ସ୍ୱାଗତ ଜଣାଇଲେ । ସେତିକବେଳେ ହିରଣ୍ୟକ ତାଙ୍କ ଦଳବଳ ସହ ସେଠାରେ ପହଞ୍ଚି ଗଲେ ।

ଲଘୁପତନକ ତାଙ୍କର ପରିଚୟ ଦେଲେ । "ତୁମେ ଯେପରି ମୋର ଅନ୍ତରଙ୍ଗ ବନ୍ଧୁ, ମୂଷିକରାଜ ହିରଣ୍ୟକ ମଧ୍ୟ ସେହିପରି ଘନିଷ୍ଠ ସଖା । ଆମେ ତିନିବନ୍ଧୁ ଏକାଠି ହେବା ପାଇଁ ମୁଁ ତାଙ୍କୁ ସାଙ୍ଗରେ ଧରି ଏଠାକୁ ଆସିଅଛି । ଆମେ ଯେଉଁ ଦେଶରେ ଥିଲୁ ସେଠାରେ ଖାଦ୍ୟପଦାର୍ଥ ଆଉ ମିଳୁ ନାହିଁ । ତୁମର ଏଠାରେ ଖାଦ୍ୟଦ୍ରବ୍ୟ ବହୁତ । ପୁଣି ବଣ ଜଙ୍ଗଲ, ପାହାଡ଼ ପର୍ବତ ରହିଥିବାରୁ ବଡ଼ ସୁନ୍ଦର ଦିଶୁଛି ।"

ମନ୍ଥର, ହିରଣ୍ୟକ ଓ ତାଙ୍କ ଅନୁଗତମାନଙ୍କୁ ସମ୍ବର୍ଦ୍ଧନା ଜଣାଇଲେ । ଶୀଘ୍ର ଗାତ ଖୋଳି ନିରାପଦରେ ରହିବା ପାଇଁ ଜାଗା ଦେଖାଇ ଦେଲେ । ହିରଣ୍ୟକଙ୍କୁ

Digitized by srujanika@gmail.com

ଚହିଁ କହିଲେ—"ଲଘୁପତନକ କାକ ମୋର ଅତି ପୁରୁଣା ବନ୍ଧୁ । ସେ ଜ୍ଞାନୀ, ବିଚାରବନ୍ତ ଓ ସାଧୁ । ତୁମେ ତାଙ୍କର ବନ୍ଧୁ ହୋଇଥିବାରୁ ବୁଝୁଛି, ତୁମେ ବି ସେହିପରି ଜ୍ଞାନୀ ଓ ସଜ୍ଜନ । ଶାସ୍ତ୍ରରେ ଅଛି—ଏକା ସ୍ୱଭାବର ଲୋକଙ୍କ ମଧ୍ୟରେ ହିଁ ବନ୍ଧୁତା ଘନିଷ୍ଠ ହୁଏ । ପଣ୍ଡିତଙ୍କ ସାଙ୍ଗରେ ପଣ୍ଡିତ ହିଁ ମିଶନ୍ତି, ମୂର୍ଖ ମିଶି ପାରନ୍ତି ନାହିଁ । ଅସାଧୁ ଚୋର, ଖଣ୍ଟ, ଦୁର୍ବୃତ୍ତମାନେ ଭଲ ଲୋକଙ୍କ ପାଖ ପଶନ୍ତି ନାହିଁ । ତାଙ୍କର ଭଳି ଖଣ୍ଟ ଦୁର୍ବୃତ୍ତମାନଙ୍କ ସହିତ ବନ୍ଧୁତା କରନ୍ତି । ଯେପରି ପାଣି କେବଳ ପାଣି ସହିତ ଏକ ହୋଇଯାଏ, ତେଲ ପାଣି ସହିତ ମିଶେ ନାହିଁ । ବନ୍ଧୁତାର ଲକ୍ଷଣ ସେହିପରି । ଆଜି ଗୋଟିଏ ସାଧୁ, ବିଶ୍ୱାସୀ ବନ୍ଧୁ ପାଇ ମୁଁ ଭାରି ଖୁସି । ଏଇଠାରେ ଆମେ ତିନି ବନ୍ଧୁ ସୁଖରେ ଦିନ କଟାଇବା ।"

ହିରଣ୍ୟକ ଦେଖିଲେ, ମନ୍ଥର ମଧ୍ୟ କମ୍ ଜ୍ଞାନୀ ନୁହନ୍ତି । ନିଜ ସ୍ୱଭାବ ସହିତ ଠିକ୍ ଖାପ ଖାଉଛି । ଉପଯୁକ୍ତ ବନ୍ଧୁ ଭାବି ସେ କଇଁଛକୁ ଖୁବ୍ ଆଦର କଲେ ।

ପୁଣି ମନ୍ଥର କହିଲେ—"ବନ୍ଧୁ, ହିରଣ୍ୟକ, ତୁମେ ସେ ଦେଶ ଛାଡ଼ି ଚାଲି ଆସି ଖୁବ୍ ଭଲ କରିଛ । ପୂର୍ବରୁ କଥା ଅଛି, ଯେଉଁ ସ୍ଥାନରେ ଖାଦ୍ୟ ସହଜରେ ମିଳେ ନାହିଁ, ଯେଉଁଠାରେ ଗୁଣର କେହି ଆଦର କରନ୍ତି ନାହିଁ, ବିଦ୍ୟା ଶିକ୍ଷା କରିବାର ସୁବିଧା ନାହିଁ; ପୁଣି ଯେଉଁ ସ୍ଥାନରେ ବନ୍ଧୁବାନ୍ଧବ ନାହାନ୍ତି, ସେ ସ୍ଥାନରେ ରହିବା କଦାପି ଉଚିତ ନୁହେଁ । ରାଜା, ଧନୀ, ମୁନିବ ଯେଉଁଠାରେ ନିର୍ଦ୍ଦୟ, ଲୋକ ନାନା ମନ୍ଦ ପାପ କାର୍ଯ୍ୟ କରି ମଧ୍ୟ ଲଜ୍ଜା ପାଏ ନାହିଁ, ଯେଉଁଠାରେ ଶାସ୍ତ୍ର ଚର୍ଚ୍ଚା ହୁଏ ନାହିଁ, ସେ ସ୍ଥାନ ସାଙ୍ଗେ ସାଙ୍ଗେ ତ୍ୟାଗ କରିବ । ଯେଉଁ ଦେଶରେ ପଡ଼ୋଶୀ ପଡ଼ୋଶୀର ହାନିଲାଭ ବୁଝନ୍ତି ନାହିଁ, ଭୃତ୍ୟକୁ ଘୃଣା କରନ୍ତି, ଆତ୍ମ-ବନ୍ଧୁମାନେ ମିଳିରହି ବନ୍ଧୁର ଅହିତ କରନ୍ତି, ସେ ଦେଶରେ ମୁହୂର୍ତ୍ତେ ରହିବା

Digitized by srujanika@gmail.com

ମଧ୍ୟ ଠିକ୍ ନୁହେ । ତୁମେ ସେ ଦେଶ ଛାଡ଼ି ଚାଲି ଆସିଛ, ଭଲ କରିଛ, ସୁବୁଦ୍ଧିର ପରିଚୟ ଦେଇଛ ।”



ଏହି ସବୁ କଥା ଶୁଣି ହିରଣ୍ୟକ ଭାବିଲେ, ମନ୍ଥର ମଧ୍ୟ ଲଘୁପତନକଙ୍କ ଭଳି ଜଣେ ପଣ୍ଡିତ ଓ ଜ୍ଞାନୀ । ବହୁ ଶାସ୍ତ୍ର ପୁରାଣ ତାଙ୍କୁ ଜଣାଅଛି । ଏପରି ଜଣେ ପଣ୍ଡିତଙ୍କୁ ବନ୍ଧୁ ରୂପେ ପାଇ ମୁଁ ଧନ୍ୟ ହେଲି ।

Digitized by srujanika@gmail.com

ତିନି ବନ୍ଧୁ ବେଶ୍ ଆନନ୍ଦରେ ଏକାଠି ରହିଲେ । ପ୍ରତିଦିନ ନାନା ଶାସ୍ତ୍ର ଆଲୋଚନା, ନାନା ପ୍ରକାର ମଙ୍ଗଳକର କଥାବାର୍ତ୍ତାରେ ଦିନ କଟାଇଲେ । ସମସ୍ତ ମୂଷା ଯଥେଷ୍ଟ ଖାଦ୍ୟ ପାଇ ବେଶ୍ ହୃଷ୍ଟପୁଷ୍ଟ ଓ ବଳବାନ ହୋଇ ଉଠିଲେ ମୂଷିକ ରାଜ ଆନନ୍ଦିତ ହେଲେ । ବନ୍ଧୁ ଲଘୁପତନକ ଓ ନୂଆ ବନ୍ଧୁ ମନ୍ଥରଙ୍କର ପ୍ରଶଂସା କରିବାକୁ ଲାଗିଲେ ।

ଦିନଯାକ ମନ୍ଥର ପୋଖରୀ ହୁଡ଼ା ଉପରେ ବସି ଖରା ପୁଆନ୍ତି । ହିରଣ୍ୟକ ପାଖରେ ଖୋଳିଥିବା ନିଜ ଗାତ ମୁହଁରେ ବସନ୍ତି । ଲଘୁପତନକ ପାଖ ଗଛ ଡାଳରେ ଆଶ୍ରା ନେଇଥା'ନ୍ତି । ବିପଦର ସୂଚନା ପାଇଲେ, ଲଘୁପତନକ କର୍କଶ ସ୍ୱରରେ ଡାକ ଦିଅନ୍ତି କାଆ, କାଆ । ହିରଣ୍ୟକ ଗାତ ଭିତରକୁ ପଶି ଯାଆନ୍ତି ଏବଂ ମନ୍ଥର ପାଣି ଭିତରେ ଥିବା ନିରାପଦ ସ୍ଥାନରେ ଆଶ୍ରୟ ନିଅନ୍ତି । ରାତି ହେଲେ ସେମାନେ ନିଜ ନିଜ ସ୍ଥାନରେ ନିଦ୍ରା ଯାଆନ୍ତି । ସେତେବେଳେ ଅନୁଗତ ପ୍ରଜାମାନେ ଗାତରୁ ବାହାରି ନିଜ ନିଜ ଖାଦ୍ୟ ସଂଗ୍ରହ କରନ୍ତି । ଫେରିବା ସମୟରେ ରାଜା ହିରଣ୍ୟକ ପାଇଁ ମଧ୍ୟ ଖାଦ୍ୟ ପାଟିରେ ଧରି ଆଣିଥାନ୍ତି କାରଣ, ସେମାନେ ନିଶାଚର । ଅନ୍ଧାର ରାତି ହିଁ ପଦାରେ ବୁଲିବା ସେମାନଙ୍କର କାର୍ଯ୍ୟ ।

* * *

Digitized by srujanika@gmail.com

ହିରଣ୍ୟକଙ୍କ ପୂର୍ବ କାହାଣୀ

ଦିନେ ତିନି ବନ୍ଧୁ—କାକ ଲଘୁପତନକ, ମୂଷିକରାଜ ହିରଣ୍ୟକ ଓ କଇଁଚ ମନ୍ଥର ଯେ ଯାହା ସ୍ଥାନରେ ବସି ଗପସପ ହେଉଛନ୍ତି । ସମସ୍ତଙ୍କ ମନ ଖୁସି ଅଛି ।

ମନ୍ଥର ହିରଣ୍ୟକଙ୍କୁ ପଚାରିଲେ—"ତୁମେ ବଣ ଭିତରକୁ ଆସିଲେ କିପରି ? ମୂଷାମାନଙ୍କ ସ୍ୱଭାବ, ଜନପଦରେ ମନୁଷ୍ୟମାନଙ୍କ ଘର ଭିତରେ ରହିବା । ସେଠାରେ ବିନା ପରିଶ୍ରମରେ ଯଥେଷ୍ଟ ଖାଦ୍ୟ ମିଳେ । ନାନା ସୁସ୍ୱାଦୁ ରୁଚିକର ଜିନିଷ । ପୁଣି ସେଠାରେ କେବଳ ବିଲେଇଙ୍କ ବ୍ୟତୀତ ଆଉ କୌଣସି ବିପଦର ଆଶଙ୍କା ନାହିଁ । ତୁମେ ଜନପଦ ଛାଡ଼ି ନିର୍ଜନ ବନକୁ ପସନ୍ଦ କଲ କାହିଁକି ? ପୁଣି କାକ ମୂଷିକଙ୍କ ଶତ୍ରୁତା ତ ଚିରଦିନ ଲାଗି ରହିଛି । ତୁମେ ଲଘୁପତନକ ବନ୍ଧୁ ହେଲ କିପରି ।"

ହିରଣ୍ୟକ ଉତ୍ତର ଦେଲେ—"ତେବେ ମୋର ପୂର୍ବର କାହାଣୀ ଶୁଣ ।"

—ବୈତରଣୀ କୂଳରେ ଗୋଟିଏ ବଡ଼ ଜନପଦ । ସେଠାରେ ବହୁତ ଲୋକ ବାସ କରନ୍ତି । ପୁଣି ସମସ୍ତେ ଧନୀ । ସେମାନଙ୍କ ଘରେ ଖାଦ୍ୟଶସ୍ୟ ସବୁ ସମୟରେ ମହଜୁଦ ରହିଥାଏ । ସେ ଜନପଦର ନାମ ଚମ୍ପକନଗରୀ ।

ସେହି ଗ୍ରାମର ଶେଷ ମୁଣ୍ଡରେ କୁଡ଼ିଆଟିଏ କରି ଜଣେ ସନ୍ନ୍ୟାସୀ ରହନ୍ତି । ତାଙ୍କ ନାମ ତାମ୍ରଚୂଡ଼ । ସେ ଆଠ ମାସ ଆଶ୍ରମରେ ରହି ତପସ୍ୟା କରନ୍ତି । ବାକୀ ଚାରିମାସ ତୀର୍ଥ ଭ୍ରମଣରେ ଯାଆନ୍ତି ।

ଗ୍ରାମବାସୀ ସମସ୍ତେ ସନ୍ନ୍ୟାସୀଙ୍କ ଶିଷ୍ୟ । ତାଙ୍କୁ ବଡ଼ ଭକ୍ତି କରନ୍ତି । ପ୍ରତିଦିନ ନାନା ପ୍ରକାର ସୁସ୍ୱାଦୁ ଖାଦ୍ୟପଦାର୍ଥ ଆଣି ତାଙ୍କୁ ଦିଅନ୍ତି । ସନ୍ନ୍ୟାସୀ ଯାହା ଖାଇବାର ଖାଆନ୍ତି, ବାକୀ ସମସ୍ତ ଗରିବ ଲୋକଙ୍କ ଭିତରେ ବାଣ୍ଟି ଦିଅନ୍ତି ।

Digitized by srujanika@gmail.com

ସେହି ଆଶ୍ରମରେ ଗୋଟିଏ ଗାତ କରି ମୋ ମାଆ ରହୁଥିଲେ । ସନ୍ନ୍ୟାସୀ ଯେଉଁ ସମୟରେ ଆଶ୍ରମରେ ନ ରହନ୍ତି, ସେତେବେଳେ ମା' ତାଙ୍କ ଘରୁ ଖାଦ୍ୟଦ୍ରବ୍ୟ ନେଇ ଆସି ନିଜ ଗାତ ଭିତରେ ରଖନ୍ତି । ଖାଦ୍ୟଦ୍ରବ୍ୟ ଆଣୁ ଆଣୁ ତା'ଙ୍କର ଲୋଭ ଏତେ ବଢ଼ିଗଲା ଯେ, ତାଙ୍କ କଉପୁନୀ, ଅଙ୍ଗବାସ ପ୍ରଭୃତି କାଟି ଟିକି ଟିକି କରି ନେଇ ଆସନ୍ତି । ତାଙ୍କ ଶାସ୍ତ୍ର ପୋଥି ଓ ଅନ୍ୟାନ୍ୟ ଯେଉଁ ଦ୍ରବ୍ୟ ଦେଖନ୍ତି, ତାକୁ ଆଣି ସାଇତି ରଖନ୍ତି । ନିଜର ଦରକାରରେ ଆସୁ ନ ଥିଲେ ସବୁ ଜିନିଷ ଆଣି ଠୁଳକରି ରଖିବା ତାଙ୍କର ଅଭ୍ୟାସ ହୋଇ ଯାଇଥିଲା ।

ମାଆଙ୍କ ମୃତ୍ୟୁ ପରେ ସେ ଭଣ୍ଡାର ମୋର ହୋଇଗଲା । ଦେଖିଲି ସେଠାରେ ଅପର୍ଯ୍ୟାପ୍ତ ଦ୍ରବ୍ୟ ଠୁଳ ହୋଇ ରହିଛି । ଧନ ମନରେ ଲୋଭ ଯେପରି ବଢ଼ାଇ ଦିଏ, ଦେହରେ ସେହିପରି ବଳ ବଢାଇଥାଏ । ସେହି ଧନକୁ ଆହୁରି ବୃଦ୍ଧି କରିବା ପାଇଁ ମୁଁ ବରାବର ଚେଷ୍ଟା କଲି । ସନ୍ନ୍ୟାସୀ ପାଖରେ ଥିଲେ ମଧ୍ୟ ମୁଁ ଭୟ ନ କରି ଜିନିଷ ସବୁ ନେଇ ଆସେ । ମୋତେ ଭୟ ଦେଖାଇବା ପାଇଁ ସନ୍ନ୍ୟାସୀ ଖଣ୍ଡିଏ ସରୁ କାଣି ଧରି ସବୁ ସମୟରେ ତଳେ ବାଡ଼ଉଥାନ୍ତି ।

ଥରେ ଆଉ ଜଣେ ପରିବ୍ରାଜକ ସାଧୁ ଆସି ସେ ଆଶ୍ରମରେ ଅତିଥି ହେଲେ । ତାଙ୍କ ନାମ ବୃହତ୍‌ଚ୍ଛିପକ ।

ଦିନେ ଅପରାହ୍ଣରେ ବସି ଦୁଇ ସନ୍ନ୍ୟାସୀ ଶାସ୍ତ୍ର ଆଲୋଚନା କରୁଥିଲେ । ମୋତେ ଡରାଇବା ପାଇଁ ତାମ୍ରଚୂଡ଼ କଥା ଶୁଣିବା ସଙ୍ଗେ ସଙ୍ଗେ ବାଡ଼ିଟିକୁ ତଳେ ପିଟୁଥିଲେ ।

ବୃହତ୍‌ଚ୍ଛିପକ କହିଲେ, "ମୋ କଥା ତୁମକୁ ସୁଖକର ଲାଗୁ ନାହିଁ । ତୁମେ ଅନ୍ୟମନସ୍କ ରହୁଛ ଓ ବାଡ଼ିଟିକୁ ତଳେ ପିଟି ଖେଳୁଛ । ଏହା ସନ୍ନ୍ୟାସୀଙ୍କ ପକ୍ଷରେ ଶୋଭାପାଏ ନାହିଁ । ଅତିଥିଙ୍କୁ ଯେ ଉପଯୁକ୍ତ ସମ୍ମାନ ନ ଦିଏ, ସେଠାରେ

Digitized by srujanika@gmail.com

ରହିବା ଅନୁଚିତ । ମୁଁ ଚାଲି ଯାଉଛି, ବରଂ ଗଛମୂଳେ ରାତିଟି କଟାଇ ଦେବି ।”

ଏହା ଶୁଣି ତାମ୍ରଚୂଡ଼ ଅତି ବିନୟର ସହିତ କହିଲେ—“ନା ମହାଶୟ, ମୁଁ ଅନ୍ୟମନସ୍କ ହୋଇ ନାହିଁ । ଆପଣଙ୍କର ସମସ୍ତ କଥା କାନଡେରି ଶୁଣୁଅଛି ।

ଆମ ଦୁହିଁଙ୍କ ପାଇଁ ଭିକ୍ଷା କରି ଆଣି ରଖିଅଛି । ଗୋଟିଏ ମୂଷା ତାହା ଖାଇ ଯାଉଛି । ପ୍ରତି ଦିନ ସେ ଏହିପରି କରୁଅଛି ! ବର୍ତ୍ତମାନ ଦେଖ, ସେ ଖାଦ୍ୟପାତ୍ର ପାଖରେ କିପରି ବସିଅଛି ।”

Digitized by srujanika@gmail.com

· · · ବୃହତ୍‌ଛିପକ ଉପରକୁ ଚଢ଼ି ମୋତେ ଥରେ ଦେଖିନେଲେ । କହିଲେ—“ମୂଷାମାନେ ରାତିରେ ପଦାକୁ ବାହାରନ୍ତି । ଦିନର ଆଲୁଅରେ ନିର୍ଭୟରେ ପଦାରେ ବୁଲୁଅଛି । ଆମେ ଦୁଇଜଣ ଏଠାରେ ବସିଥିଲେ ମଧ୍ୟ ସେ ଡରୁ ନାହିଁ । ଏଥିରୁ ଜଣାଯାଉଛି ତାର ସାହସ ବହୁତ ବଢ଼ି ଯାଇଛି ।

ବୋଧହୁଏ ଧନ ଦ୍ରବ୍ୟ ତାର ବହୁତ ହୋଇ ଗଲାଣି । ଅଧିକ ଧନ ଥିଲେ ମଣିଷର ଗର୍ବ ବଢ଼ିଯାଏ । କପଟ ମୂର୍ଖ ଧନ ପାଇଲେ ମନେକରେ ସେ ବଡ଼ ପଣ୍ଡିତ, ଶାସ୍ତ୍ରଜ୍ଞାନ ସମ୍ପନ୍ନ । ଦୁର୍ବଳ, ଭୀରୁ ଧନ ବଳରେ ଭାବେ, ତା ପରି ବଳବାନ, ସାହସୀ ଆଉ କେହି ନାହାନ୍ତି । ଧନ ମନୁଷ୍ୟକୁ ଏପରି ଆବଦ୍ଧ କରିଦିଏ ଯେ, ସେ କାହାରିକୁ ଖାତିର କରେ ନାହିଁ, ସୂର୍ଯ୍ୟ ଚନ୍ଦ୍ର ମାନେ ନାହିଁ ।

ପରଦିନ ଦୁଇ ସନ୍ନ୍ୟାସୀ ମୋ ଗାତ ଖୋଳିଲେ । ତା ଭିତରେ ଯେତେ ଯାହା କୁଢ଼ ହୋଇ ରହିଥିଲା, ତାହା ଘେନିଗଲେ । ନଈ ପାଣିରେ ଭସାଇ ଦେଲେ ।

ଆଉ ସେଠାରେ ରହିବାକୁ ମୋର ମନ ବଳିଲା ନାହିଁ । ସେଠାରୁ ଗୋଟାଏ ଜଙ୍ଗଲ ଭିତରକୁ ପଳାଇ ଆସିଲି । ଯୋଗକୁ ଆଉ କେତେଗୁଡ଼ିଏ ମୂଷା ଜୁଟି-ଗଲେ । ମୋର ଅନୁଗତ ହେଲେ । ସେମାନଙ୍କୁ ଧରି ଦିନ କାଟୁଥିଲି ।

ଦୈବ ଯୋଗକୁ ଲଘୁପତନକ କାକ ସହିତ ମୋର ମିଳନ ହେଲା । ତାଙ୍କ ପରି ଜଣେ ସାଧୁ, ପଣ୍ଡିତଙ୍କ ସହିତ ବନ୍ଧୁ ବସିଲି । ସେହି ଦିନୁ ଆନନ୍ଦରେ ଚଳୁଛି ।”

ହିରଣ୍ୟକଙ୍କ କଥା ଶୁଣି ସାର ମନ୍ଥର କହିଲେ—“ବନ୍ଧୁ, ସେ ଆଶ୍ରମ ଛାଡ଼ି ଚାଲି ଆସିଲ, ଭଲ କଲ । ପଣ୍ଡିତମାନେ କହିଛନ୍ତି, ଯେଉଁଠାରେ ସାହି

Digitized by srujanika@gmail.com

ପଡ଼ିଶା ବା ପାଖଲୋକେ ଘୃଣା କରନ୍ତି, ସେଠାରେ ମୁହୂର୍ତ୍ତେ ଆଉ ରହିବା ଉଚିତ ନୁହେଁ ।

ପୁଣି ଧନ ଲୋଭ ବହୁତ ଦୁଃଖ ଦିଏ । ଜୀବନରେ ବିପଦ ଘଟାଏ ।

ଯାହା ଯେଉଁଦିନ ଆୟ କରିବ, ସେହିଦିନ ତା ବ୍ୟୟ କରିଦେବ । ଭବିଷ୍ୟତ ପାଇଁ ସଞ୍ଚି ରଖିବ ନାହିଁ । ଲୋଭ ନ କରି ସତ୍‌ପଥରେ ଚାଲିଲେ ଖାଇବାକୁ ନିଶ୍ଚୟ ମିଳିବ । ପିଲା ଜନ୍ମ ହେବା ପୂର୍ବରୁ ଭଗବାନ ମା ସ୍ତନରେ କ୍ଷୀର ଦେଇଥାନ୍ତି । ସେ ଜୀବନ ଯେତେବେଳେ ଦେଇଛନ୍ତି, ସେତେବେଳେ ଜୀବନ ରକ୍ଷା ପାଇଁ ଖାଦ୍ୟ ନିଶ୍ଚୟ ଯୋଗାଇବେ ।

ଧନ ସଞ୍ଚି ରଖିଲେ ବହୁ ବିପଦରେ ପଡ଼ିବାକୁ ହୁଏ, ନ ହେଲେ ଜୀବନ ଯାଏ । ଚୋର ନେଇଗଲେ ମନ ଘାଣ୍ଟିଚକଟି ହୁଏ । ପୁଣି ଡକାୟତଙ୍କ ହାତରେ ପ୍ରାଣ ଯାଏ । ଅର୍ଥ ଜମାଇ ରଖିବା ହିଁ ସବୁ ଅନର୍ଥର କାରଣ ହୋଇଥାଏ ।

ଲୋଭ କରି ଭବିଷ୍ୟତ ପାଇଁ ଜମାଇ ରଖିଲେ ଲୋଭୀ ଶୃଗାଳ ପରି ଅକାଳରେ ମରଣ ହୁଏ ।”

ହିରଣ୍ୟକ ପଚାରିଲେ, “ଲୋଭୀ ଶୃଗାଳ କିପରି ମଲା ?”

ମନ୍ଥର ଉତ୍ତର ଦେଲେ, “ତେବେ କହୁଛି ଶୁଣ ।”

* * *

(ପଞ୍ଚତନ୍ତ୍ର କାହାଣୀ-ଦ୍ୱିତୀୟ ଭାଗରେ ପାଇବେ)

Digitized by srujanika@gmail.com